## ଗୋଣ୍ଡ ସମାଜର ବୈଠକ

ବ୍ରଜରାଜନଗର,(ଡି.ଏନ.ଏ.): ସ୍ଥାନୀୟ କୁଦପାଲି ଗ୍ରାମ ବଡ଼ଦେଓ ଜଙ୍ଘାପୀଠରେ ଗୋଣ୍ଡ ସମାଜର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଆଗାମୀ ବାର୍ଷିକ ପୂଜା ବିଷୟରେ ଆଲୋଚନା ହୋଇଥିଲା। ଏହି ଅବସରରେ ସମାଜର ନୂତନ କମିଟି ଗଠନ କରାଯାଇଥିଲା। ଉପେନ୍ଦ୍ର ରାୟ ସଭାପତି, ରୁକ୍ମଣ ଧୁରୁଆ ଓ ସିଦ୍ଧେଶ୍ୱର ନେଟୀ ସାଧାରଣ ସମ୍ପାଦକ ଭାବେ ମନୋନୀତ ହୋଇଛନ୍ତି। ଉପସଭାପତି ଭାବେ ଦୟାସାଗର ନାଏକ, ବାବଲୁ ଭୋଇ, ଜୟନ୍ତୀ ଭୋଇ, ବିମଳା ଭୋଇ ଏବଂ ସମ୍ପାଦକ ଭାବେ ଯସକେତନ ଭୋଇ, ଶଶୀଭୂଷଣ ଭୋଇ, ବାସନ୍ତି ଭୋଇ, ଓ ବାସନ୍ତି ଭୁଏଁଙ୍କୁ ମନୋନୀତ କରାଯାଇଛି। ସେହିପରି ଭୋଜରାଜ ଭୋଇ କୋଷାଧକ୍ଷ, ଦଶରଥ ନାଏକ ମୁଖ୍ୟ ଉପଦେଷ୍ଟା ଓ ଫକୀର ଭୋଇ ଉପଦେଷ୍ଟା ଭାବେ ଚୟନ ହୋଇଛନ୍ତି।

## ଆଜି କ'ଣ କେଉଁଠି

ସମ୍ବଲପୁର
- ନୌକା ଚାଳନା ପ୍ରତିଯୋଗିତା, ମହାନଦୀ ସଡକ ଘାଟ, ସକାଳ ୮ଟା।
- ପୁରସ୍କାର ବିତରଣୀ ଉତ୍ସବ, ଜିଲା ଶିକ୍ଷା ଅଫିସ ସଭାକକ୍ଷ, ପୂର୍ବାହ୍ନ ସାଢ଼େ ୧୦ଟା।

## ସଂକ୍ଷେପରେ

### କଂଗ୍ରେସରୁ ଇସ୍ତଫା ଦେଲେ ବରୁଣ ଦେହୁରି

ସମ୍ବଲପୁର,୧୭।୧୨(ବ୍ୟୁରୋ): ସମ୍ବଲପୁର ଜିଲା ଯୁବ କଂଗ୍ରେସ ନେତା ବରୁଣ ଦେହୁରି ଦଳର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି। ସେ ତାଙ୍କ ଇସ୍ତଫାପତ୍ର ପ୍ରଦେଶ କଂଗ୍ରେସ ସଭାପତି ନିରଞ୍ଜନ ପଟ୍ଟନାୟକ, ଜିଲା ସଭାପତି ଅଶ୍ୱିନୀ ଗୁରୁ, ଓଡ଼ିଶା ଦାୟିତ୍ୱରେ ଥିବା କଂଗ୍ରେସ ପ୍ରଭାରୀ ଏ ଚେଲାକୁମାରଙ୍କ ନିକଟକୁ ପଠାଇଛନ୍ତି। ଆସନ୍ତା ୨୨ରେ ସେ ବିଜେଡିରେ ଯୋଗଦାନ କରିବା ଚର୍ଚ୍ଚା ହେଉଛି। ଏ ନେଇ ସେ ବିଜେଡି ରାଜ୍ୟ ସାଙ୍ଗଠନିକ ସମ୍ପାଦକ ତଥା ବିଧାୟକ ପ୍ରଣବ ପ୍ରକାଶ ଦାଶ ଓ ଶ୍ରମ ମନ୍ତ୍ରୀ ସୁଶାନ୍ତ ସିଂଙ୍କୁ ଭେଟି ଆଲୋଚନା କରିଛନ୍ତି। ୨୨ ତାରିଖରେ ଝୁଝୁମୁରାରେ ଏକ ସାମବେଶରେ ମିଶ୍ରଣପର୍ବ ହେବା କାର୍ଯ୍ୟକ୍ରମ ରହିଛି। ବରୁଣ ପୂର୍ବରୁ କଂଗ୍ରେସ ଲୋକ ସଭା କ୍ଷେତ୍ରର ଯୁବ ସଭାପତି, ରାଜ୍ୟ ସାଧାରଣ ସମ୍ପଦକ, ଏମ୍‌ପି ପ୍ରତିନିଧି ରହି କାମ କରିଥିଲେ।

### ମୋବାଇଲ ଜବତ, ଯୁବକ ଗିରଫ

ରାଉରକେଲା ଅଫିସ,୧୭।୧୨: ମୋବାଇଲ ଛିନ୍‌ତାଇ ଅଭିଯୋଗରେ ରାଉରକେଲା ଛେଣ୍ଡ ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ସରୋଜ କାଲେତ(୨୦)। ପୋଲିସ ଏ ନେଇ ଏକ ମାମଲା ରୁଜୁ କରିଛି। ଗତ ଅକ୍ଟୋବର ୩୦ରେ ଛେଣ୍ଡ ଏମ୍‌ଆଇଜି୨/୨୭୫ର ଶର୍ମିଷ୍ଠା ହୋତା କୌଣସି କାମରେ ଯାଉଥିବାବେଳେ ସରୋଜ ଏକ ବାଇକ୍‌ରେ ଆସି ତାଙ୍କ ମୋବାଇଲ ଛଡାଇ ନେଇଥିଲେ। ଏ ନେଇ ମହିଳା ଜଣଙ୍କ ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ କରି ବିରଜାପାଲି ଅଞ୍ଚଳରୁ ସରୋଜଙ୍କୁ ଗିରଫ କରିବା ସହ ମୋବାଇଲ ଜବତ କରିଛି।

### ରେଳ ଶ୍ରମିକଙ୍କ ପେନସନ୍ ଡେ' ପାଳନ

ରାଉରକେଲା ଅଫିସ,୧୭।୧୨: ଦକ୍ଷିଣପୂର୍ବ ରେଲୱେ ପେନଶନ ଆସୋସିଏଶନ ପକ୍ଷରୁ ବନ୍ଧମୁଣ୍ଡା ସ୍ଥିତ ଡିଜେଲ କଲୋନୀ ପରିସରରେ ଅବସରପ୍ରାପ୍ତ ରେଳ ଶ୍ରମିକଙ୍କ ପେନସନ ଡେ' ଶୁକ୍ରବାର ପାଳିତ ହୋଇଛି। ଏଥିରେ ରାଉରକେଲା ଓକିଲ ସଂଘ ସଭାପତି ରମେଶ ବଳ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଚଳିତବର୍ଷ ଯେଉଁ କର୍ମଚାରୀ ଅବସର ନେଇଥିଲେ ସେମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମ ଗଙ୍ଗା ଦେବ. ଏନ୍. କିଷ୍ଟା ରାଓ, ଏମ୍. କେ ରାଓ, ଏସ୍. କେ ମହାନ୍ତି, ଏନ. ସମଦ, ବି.ଏନ ସିଂହ, ଶୁଭ ରଞ୍ଜନ ଷଡଙ୍ଗୀ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ରୂପା ରାଓ ଧନ୍ୟବାଦ ଅର୍ପଣ କରିଥିଲେ।

### କଲେଜ ଗୃହ ନିମନ୍ତେ ଭୂମିପୂଜା

କୁଚିଣ୍ଡା,୧୭।୧୨(ଡି.ଏନ.ଏ.): କୁଚିଣ୍ଡା ବ୍ଲକ ଅନ୍ତର୍ଗତ କନ୍ଦ୍ଲେଇପାଲି ଯୁକ୍ତଦୁଇ କଲେଜର ଅତିରିକ୍ତ ଶ୍ରେଣୀଗୃହ ନିର୍ମାଣ ନିମନ୍ତେ କୁଚିଣ୍ଡା ବିଧାୟକ କିଶୋର ଚନ୍ଦ୍ର ନାଏକ ଶୁକ୍ରବାର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ବିଧାୟକ ନାଏକ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହା ଦ୍ୱାରା ଗ୍ରାମାଞ୍ଚଳ ଶିକ୍ଷାର ଉନ୍ନତି ହେବା ସହ ଗରିବ ଛାତ୍ରୀଛାତ୍ର ଉପକୃତ ହେବେ ବୋଲି କହିଛନ୍ତି। ଏଥିରେ କଲେଜ ଅଧ୍ୟକ୍ଷ ଡିଲେଶ୍ୱର ବେହେରା, ବ୍ଲକ ଉପାଧକ୍ଷ ପୂର୍ଣ୍ଣଚନ୍ଦ୍ର କିଷାନ, ସରପଞ୍ଚ କ୍ଷୀର କିଷାନ, ବିଜେଡି ନେତା ସନ୍ତୋଷ ବାରିକ ପ୍ରମୁଖ ଯୋଗଦେଇଥିଲେ। ଫଟୋ: ଭୂମିପୂଜନ ଉତ୍ସବରେ ବିଧାୟକ ଓ ଅନ୍ୟମାନେ।

### ଜିଲାସ୍ତରୀୟ ପ୍ରତିଭା ଚୟନ

ସମ୍ବଲପୁର,୧୭।୧୨(ବ୍ୟୁରୋ): ସମ୍ବଲପୁର ଜିଲାସ୍ତରୀୟ ପ୍ରତିଭା ଚୟନ ଓ ସ୍ୱଚ୍ଛତା ପକ୍ଷ କାର୍ଯ୍ୟକ୍ରମ ଶୁକ୍ରବାର ଚନ୍ଦ୍ରଶେଖର ବେହେରା ଜିଲା ସ୍କୁଲ ସଭା କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲାର ୯ ବ୍ଲକରୁ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରେ ପ୍ରବନ୍ଧ ଓ ଚିତ୍ରାଙ୍କନ ପ୍ରତିଯୋଗିତା ହୋଇଥିଲା। ଶିକ୍ଷକ ବନବାସ ସାହୁଙ୍କ ପରିଚାଳନାରେ ଜିଲା ସ୍କୁଲ ପ୍ରଧାନ ଶିକ୍ଷକ ଯଶୋବନ୍ତ ସାହୁ ଓ ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ଜଗବନ୍ଧୁ ବେହେରା ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରବନ୍ଧରେ ଡ. ଗୌରିଦାସ ପ୍ରଧାନ ଓ ବିଶ୍ୱନାଥ ପ୍ରଧାନ ଏବଂ ଚିତ୍ରାଙ୍କନରେ ଦେବାଶିଷ ପ୍ରଧାନ ଓ ଲୋକନାଥ ପୂଜାରୀ ବିଚାରକ ଥିଲେ।

# ମୃତ୍ୟୁ ପରେ ବି ପର କରିଦେଲେ

ସମ୍ବଲପୁର,୧୭।୧୨(ବ୍ୟୁରୋ)

ବୟସ ଥିବା ସମୟରେ ରୋଜଗାର କରି ପରିବାର ପ୍ରତିପୋଷଣ କରୁଥିଲେ। ବୃଦ୍ଧାବସ୍ଥାରେ ରୋଗାକ୍ରାନ୍ତ ହୋଇ ଚିକିତ୍ସା ସେବା ଆବଶ୍ୟକ କରୁଥିବାବେଳେ ଘରୁ ବାହାର କରିଦେଲେ। ଏବେ ମୃତ୍ୟୁ ପରେ ବି ପରିବାର ଲୋକେ ତାଙ୍କୁ ପର କରିଦେଇଛନ୍ତି। ଏପରି କି ମୃତଦେହ ସତ୍କାର କିମ୍ବା ଶୁଦ୍ଧିକ୍ରିୟା କରିବାକୁ ମନା କରିଦେଇଛନ୍ତି। ଶେଷରେ ଜଣେ ସାମାଜିକ କର୍ମୀଙ୍କ ଦ୍ୱାରା ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ସମ୍ବଲପୁର ଜିଲା ମାନେଶ୍ୱର ବ୍ଲକ ହୁମା ଭଏଁରୋପାଲିସ୍ଥିତ ବୀର ସୁରେନ୍ଦ୍ର ସାଏ ଜରାଶ୍ରମରେ ଏଭଳି ଏକ କରୁଣଚିତ୍ର ଦେଖିବାକୁ ମିଳିଛି।

ଜରାଶ୍ରମ ପରିଚାଳକ ତଥା ଜିଲା ପରିଷଦ ସଭ୍ୟ ସତ୍ୟନାରାୟଣ ମେଣ୍ଡୋଲିଙ୍କ କହିବା ଅନୁସାରେ, ମାନେଶ୍ୱର ବିଡିଓ ନୀଳାମ୍ବର ମହାନନ୍ଦ ଗତ ମେ' ୨୧ରେ ଜଣେ ବୃଦ୍ଧାଙ୍କୁ ରୁଗ୍‌ଣ ଅବସ୍ଥାରେ ମାନେଶ୍ୱର ନିକଟରୁ ଉଦ୍ଧାର କରି ଆଶ୍ରମକୁ ଆଣିଥିଲେ। କିଛିଦିନ ଅନ୍ତେ ବାରମ୍ବାର ପଚାରିବା ପରେ ଜଣାପଡିଥିଲା ଯେ, ବୃଦ୍ଧା ଜଣଙ୍କ ହେଉଛନ୍ତି ସୁମିତ୍ରା ମହାଲିଂ। ବୟସ ପ୍ରାୟ ୮୦ ହେବ। ସେ ଧମା ଗ୍ରାମର ମୂଳ ବାସିନ୍ଦା ହୋଇଥିବାବେଳେ ଦେଓଗାଁରେ ବିବାହ କରିଥିଲେ। ତାଙ୍କର ୨ ପୁଅ ମଧ୍ୟରୁ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟଜଣେ ପୁଅ ଓ ନାତିନାତୁଣୀ ଅଛନ୍ତି। ସେ ମାଛ ବ୍ୟବସାୟ କରି ପରିବାର ଚଳାଉଥିଲେ। ଧୀରେ ଧୀରେ ବୟସ ବଢିବା ସାଙ୍ଗକୁ ସେ ରୋଗଗ୍ରସ୍ତ ହୋଇପଡିଲେ। ଇତିମଧ୍ୟରେ ସେ ବାପଘର ଧମାରେ ଭାଇମାନଙ୍କ ପାଖକୁ ଆସି ଆଶ୍ରୟ ନେଇଥିଲେ। ଏଠାରେ ମଧ୍ୟ ସେ ବେଶ୍ କିଛିଦିନ ଧରି ମାଛ ବ୍ୟବସାୟରେ ଲିପ୍ତ ଥିଲେ। କିନ୍ତୁ ରୋଗରେ ପୀଡିତ ହେବା ପରେ ବାପଘର କିମ୍ବା ଶ୍ୱଶୁର ଘର ଲୋକେ ତାଙ୍କୁ ପଚାରି ନ ଥିଲେ। ଏପରି କି ଘରୁ ବାହାର କରିଦେବାକୁ କୁଣ୍ଠାବୋଧ କରି ନ ଥିଲେ। ଉଦ୍ଧାର ସମୟରେ ସୁମିତ୍ରାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡି ଯାଇଥିଲା। ଝାଡ଼ା, ପରିସ୍ରା ନିୟନ୍ତ୍ରଣ କରିପାରୁ ନ ଥିଲେ। ଚିକିତ୍ସା ପରେ ସ୍ୱାସ୍ଥ୍ୟ ଅବସ୍ଥାରେ ଉନ୍ନତି ଆସିଥିଲା। ଆଶ୍ରମରେ ପ୍ରାୟ ୭ମାସ ଧରି ରହିଥିଲେ। ଗତ ରବିବାରଠାରୁ ସେ ଗୁରୁତର ହୋଇପଡିଥିଲେ। ଖାଇବା ଛାଡିଦେଇଥିଲେ। ଦେଖିଯିବା ପାଇଁ ତାଙ୍କ ପୁଅ ଓ ଭାଇଙ୍କୁ ବାରମ୍ବାର ଯୋଗାଯୋଗ କରାଯାଇଥିଲା। ହେଲେ କେହି ଆସି ନ ଥିଲେ। ମାଣବସା ଗୁରୁବାର ଲକ୍ଷ୍ମୀଙ୍କ ପୂଜା ଦିନରେ ସେ ଆମକୁ ଛାଡି ଚାଲିଗଲେ। ଏ ସମ୍ପର୍କରେ ପରିବାରଙ୍କୁ ମଧ୍ୟ ଖବର ଦିଆଯାଇଥିଲା। ସେମାନେ କହିଥିଲେ, ସୁମିତ୍ରା ଆମ ପାଇଁ ବହୁଦିନରୁ ମରିଯାଇଛନ୍ତି। ତାଙ୍କ କ୍ରିୟାକାର୍ଯ୍ୟ ସାରିଦେଉଛୁ, ଆମେ ଯିବୁ ନାହିଁ ବୋଲି ରୋକ୍‌ଠୋକ ମନା କରିଦେଇଥିଲେ। ପରେ ମାନେଶ୍ୱର ବିଡିଓ ମହାନନ୍ଦଙ୍କୁ ଅବଗତ କରିଥିଲୁ। ତାଙ୍କ ଅନୁମତି କ୍ରମେ ଧମା ପୋଲିସ ସହଯୋଗ କରିଥିଲେ। ସମ୍ବଲପୁର ରାଜଘାଟରେ ଆଶ୍ରମ ସଦସ୍ୟ ଓ ପୋଲିସ ଉପସ୍ଥିତିରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିବା ଜରାଶ୍ରମ ପରିଚାଳକ ମେଣ୍ଡୋଲି କହିଥିଲେ।

## ବିଦ୍ୟୁତ୍ ସଂସ୍ପର୍ଶରେ ଜଳିଗଲା ପାଳବୋଝେଇ ଟ୍ରାକ୍ଟର

ଝାରସୁଗୁଡ଼ା ଅଫିସ,୧୭।୧୨

ଝାରସୁଗୁଡ଼ା ଜିଲା ରେଙ୍ଗାଲି ଥାନା ଦେଓପାଲି ଗ୍ରାମ ନିକଟରେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଏକ ପାଳ ବୋଝେଇ ଟ୍ରାକ୍ଟର ଜଳିଯାଇଛି। ସ୍ଥାନୀୟ ଲୋକେ ଓ ଲଖନପୁର ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଫଳରେ ଟ୍ରାକ୍ଟର ଓ ଚାଳକ ରକ୍ଷା ପାଇଥିବାବେଳେ ଏଥିରେ ଥିବା ପାଳ ପୋଡିଯାଇଛି। ସୂଚନାମତେ ମଟିଦା ଗ୍ରାମର ଜୟରାମ ପ୍ରଧାନ ହାର୍‌ବେଷ୍ଟର ସାହାଯ୍ୟରେ କ୍ଷେତରେ ଧାନ ଅମଳ କରି ଘରକୁ ଆଣିଥିଲେ। ପରେ କ୍ଷେତରେ ପଡିଥିବା ପାଳକୁ ସେ ଟ୍ରାକ୍ଟରରେ ଲଦି ଘରକୁ ଆଣୁଥିଲେ। ଦେଓପାଲି ପୋଖରୀ ବନ୍ଧ ଉପରେ ଯାଇଥିବା ବିଦ୍ୟୁତ୍‌ତାର ସଂସ୍ପର୍ଶରେ ଆସି ପାଳରେ ନିଆଁ ଲାଗିଯାଇଥିଲା।


ପାଳ ବୋଝେଇ ଟ୍ରାକ୍ଟରରେ ନିଆଁ ଲାଗିଛି।

## ସୈନିକ ସ୍କୁଲର ଦ୍ୱିତୀୟ ସ୍ଥାପନ ଦିବସ


ସ୍କୁଲ ଅଧ୍ୟକ୍ଷ ଓ ପ୍ରଶାସନିକ ଅଧିକାରୀ ପ୍ରଦୀପ ଜଳାଇ କାର୍ଯ୍ୟକ୍ରମ ଆରମ୍ଭ କରୁଛନ୍ତି।

ସମ୍ବଲପୁର,୧୭।୧୨ (ବ୍ୟୁରୋ)

ସମ୍ବଲପୁର ସୈନିକ ସ୍କୁଲର ଦ୍ୱିତୀୟ ସ୍ଥାପନ ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ସ୍କୁଲ ଅଧ୍ୟକ୍ଷ ଉଇଂ କମାଣ୍ଡର ସୌଭିକ ଭଟ୍ଟାଚାର୍ଯ୍ୟ, ପ୍ରଶାସନିକ ଅଧିକାରୀ ମେଜର ରବି କୁମାର ରାଠୀ, ଅଧ୍ୟାପକ ଓ ଅନ୍ୟ କର୍ମଚାରୀଙ୍କ ଉପସ୍ଥିତିରେ ଦୀପ ପ୍ରଜ୍ୱଳନ ସହ ଏହାର ଶୁଭାରମ୍ଭ କରାଯାଇଥିଲା। ଭିଡିଓ କନଫରେନ୍ସିଂରେ ଅଧ୍ୟକ୍ଷ ପିଲାମାନଙ୍କ ଉଦ୍ଦେଶ୍ୟରେ ଉଦ୍‌ବୋଧନ ଦେଇଥିଲେ। ସେ ଅଲିମ୍ପିକ୍ସ ସ୍ୱର୍ଣ୍ଣ ପଦକ ବିଜେତା ନିରଜ ଚୋପ୍ରା, ଅଭିନବ ବିନ୍ଦ୍ରା, ବୀର ଚକ୍ର ବିଜେତା ରାଇଫଲ ମ୍ୟାନ ସୁବେଦାର ମେହେର ସିଂ, କ୍ୟାପଟେନ ବିକ୍ରମ ବତ୍ରାଙ୍କ ସମ୍ପର୍କରେ ପ୍ରେରଣାଦାୟୀ ବକ୍ତବ୍ୟ ରଖିଥିଲେ। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ଅଧ୍ୟାପକ ଡ. ପାପିୟା ଚାଟାର୍ଜୀ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।

## ମହାନଦୀ ଉତ୍ସବ: ପଥପ୍ରାନ୍ତ ନାଟକ ପରିବେଷଣ

ସମ୍ବଲପୁର,୧୭।୧୨(ବ୍ୟୁରୋ)

ମହାନଦୀ ସମ୍ବଲପୁରବାସୀଙ୍କ ଜୀବନରେଖା। ଏହାର ସ୍ୱଚ୍ଛତା, ସୁନ୍ଦରତା, ଚିରସ୍ରୋତାକୁ ନେଇ ସମ୍ବଲପୁର ଜିଲା ପ୍ରଶାସନ ଓ ମହାନଗର ନିଗମ (ଏସ୍ଏମ୍‌ସି) ମିଳିତ ଆୟୋଜନରେ ମହାନଦୀ ଉତ୍ସବ-୨୦୨୧ ପରିକଳ୍ପନା କରାଯାଇଛି। ଡିସେମ୍ବର ୧୫ରୁ ୨୩ ତାରିଖ ପର୍ଯ୍ୟନ୍ତ ମହାନଦୀ ସ୍ୱଚ୍ଛତାକୁ ନେଇ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ସଫେଇ, ନୌକାଦୌଡ ପ୍ରତିଯୋଗିତା, ଯୋଗ, ଚିତ୍ରାଙ୍କନ ପ୍ରତିଯୋଗିତା, ପ୍ରଭାତ ଫେରି, ମିନି ମାରାଥନ, ରଙ୍ଗୋଲି ଓ ବିଭିନ୍ନ ମନୋରଞ୍ଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଥିରେ ଜିଲା ପ୍ରଶାସନ, ମହାନଗର ନିଗମ ଅଧିକାରୀ ଓ କର୍ମଚାରୀଙ୍କ ସମେତ ସାମାଜିକ ଅନୁଷ୍ଠାନର ସଦସ୍ୟ ସାମିଲ ହୋଇଛନ୍ତି। ତେଣୁ ମହାନଦୀ ସ୍ୱଚ୍ଛ ଓ ସୁନ୍ଦର ହୋଇପାରିବ ବୋଲି ଶୁକ୍ରବାର ସମ୍ବଲପୁର ବାଲିବନ୍ଧା ଉଦ୍ୟାନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍ଏମ୍‌ସି ଆୟୁକ୍ତ ପ୍ରଦୀପ କୁମାର ସାହୁ କହିଛନ୍ତି। ଏଥିରେ ଏସ୍ଏମ୍‌ସି ଉପ ଆୟୁକ୍ତ ବିନୋଦ କୁମାର ପଣ୍ଡା, ହୀରାକୁଦ ଡ୍ୟାମ ଅଧିକ୍ଷଣ ଯନ୍ତ୍ରୀ ଜଗନ୍ନାଥ ପାଣି ଉପସ୍ଥିତ ଥିଲେ। ଶୁକ୍ରବାର ଉତ୍ସବର ତୃତୀୟ ଦିବସରେ ମାନବ ଶୃଙ୍ଖଳ, ଶପଥ ସମାରୋହ ଓ ପଥପ୍ରାନ୍ତ ନାଟକ ହୋଇଥିଲା। ଅତିଶ କୁମାର ଶତପଥିଙ୍କ ରଚନା ଓ ନିର୍ଦ୍ଦେଶନାରେ ସମ୍ବଲପୁର ଅଦୃଶ୍ୟ ନାଟ୍ୟ ଆଶ୍ରମ କଳାକାରମାନେ ଆମର ମହାନଦୀ, ଆମର ଗରବ ନାଟକ ପରିବେଷଣ କରିଥିଲେ।


ଏସ୍ଏମ୍‌ସି ଆୟୁକ୍ତ ଖବରଦାତା ସମ୍ମିଳନୀରେ ସୂଚନା ଦେଉଛନ୍ତି।

## ପ୍ରାଧ୍ୟାପିକା ସ୍ୱର୍ଣ୍ଣମୟୀ ପୁରୋହିତଙ୍କ କୃତିତ୍ୱ

ଝାରସୁଗୁଡ଼ା ଅଫି,୧୭।୧୨



ପରିବେଶବିତ୍ ଅରୁନ୍ଧତି ରାୟଙ୍କ ଜୟନ୍ତୀ ପାଳନ ଅବସରରେ ହାଇଦ୍ରାବାଦସ୍ଥିତ ସରୋଜିନୀ ନାଇଡୁ ବନିତା ମହାବିଦ୍ୟାଳୟ ତରଫରୁ କ୍ଷୁଦ୍ର ଗଳ୍ପ ଲିଖନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏଥିରେ ଝାରସୁଗୁଡ଼ା ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟର ଇଂରାଜୀ ପ୍ରାଧ୍ୟାପିକା ଡ. ସ୍ୱର୍ଣ୍ଣମୟୀ ପୁରୋହିତ ଅଂଶଗ୍ରହଣ କରି ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଫାକଲ୍ଟି ବର୍ଗରେ ଆର୍ଜେଣ୍ଟିନାର ମାରିଆ ଆଲେଜାନ୍ଦ୍ରା ଫୁମାରୋନି ପ୍ରଥମ ଓ ମହାରାଷ୍ଟ୍ରର ଦୀପା ଚନ୍ଦ୍ରନ ଦ୍ୱିତୀୟ ସ୍ଥାନ ଲାଭ କରିଛନ୍ତି। ଡ. ପୁରୋହିତଙ୍କ ଏହି କୃତିତ୍ୱ ପାଇଁ ମହାବିଦ୍ୟାଳୟ ଛାତ୍ରୀଛାତ୍ର ଓ ସହକର୍ମୀ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଛାତ୍ରୀଛାତ୍ରଙ୍କ ପ୍ରତିଭା ବିକାଶ ଦିଗରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରିବା ତଥା ସେମାନଙ୍କୁ ପ୍ରୋତ୍ସାହିତ କରିବା ତାଙ୍କୁ ଆନନ୍ଦ ଦେଇଥାଏ ବୋଲି ସେ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।

## ଜିଏମ୍‌ୟୁରେ ଶବ୍ଦଗଙ୍ଗା ଲୋକାର୍ପିତ

ସମ୍ବଲପୁର,୧୭।୧୨(ବ୍ୟୁରୋ)

ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ଓଡିଆ ବିଭାଗରେ ଶୁକ୍ରବାର ଶବ୍ଦଗଙ୍ଗା ଊନବିଂଶ ସଂଖ୍ୟା ଲୋକାର୍ପିତ ହୋଇଯାଇଛି। ବିଭାଗୀୟ ମୁଖ୍ୟ ଡ. ଲକ୍ଷ୍ମୀପ୍ରିୟା ବେହେରାଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା। ଭର୍ଚୁଆଲରେ ବଲାଙ୍ଗୀରର ଯୁବକବି ବିକେଶ ସାହୁ ଅତିଥି ଭାବେ ଯୋଗଦେଇ ସ୍ୱରଚିତ କବିତା ପାଠ କରିଥିଲେ। ଛାତ୍ରୀ ତୃଷ୍ଣା ଦାଶ, ପପୁନ ଭୋଇ, ମଙ୍ଗରାଜ ମହାପାତ୍ର, ହୀରାବତୀ ବିଶ୍ୱାଳ ପତ୍ରିକା ବିଷୟରେ ବକ୍ତବ୍ୟ ରଖିଥିଲେ। ଛାତ୍ରୀ ବର୍ଷାରାଣୀ ନନ୍ଦ ଓ ଛାତ୍ର ସୁଦର୍ଶନ ସାହୁ ସଭା ସଂଯୋଜନା କରିଥିଲେ। ଛାତ୍ର ଜଗନ୍ନାଥ ମେହେର ଧନ୍ୟବାଦ ଦେଇଥିଲେ।

## ଯୁବ ରେଡକ୍ରସ୍‌ର ସ୍ୱଚ୍ଛତା କାର୍ଯ୍ୟକ୍ରମ

ରେଢାଖୋଲ,୧୭।୧୨(ଡି.ଏନ.ଏ.)

ରେଢାଖୋଲ ଭୀମଭୋଇ ମହାବିଦ୍ୟାଳୟ ଯୁବ ରେଡକ୍ରସ ପକ୍ଷରୁ ଗୁରୁବାର ଉପଖଣ୍ଡ ଚିକିତ୍ସାଳୟ ପରିସରରେ ସ୍ୱଚ୍ଛତା ଓ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଚିକିତ୍ସାଳୟ ଡା. ଗୋପାଳକୃଷ୍ଣ ହେମ୍ବ୍ରମ ବୃକ୍ଷରୋପଣ କରି ଉଦ୍‌ଘାଟନ କରିଥିଲେ। ଯୁବ ରେଡକ୍ରସ ଉପଦେଷ୍ଟା ଅଧ୍ୟାପକ ଅଞ୍ଜନ କୁମାର ମିଶ୍ରଙ୍କ ତତ୍ତ୍ୱାବଧାନରେ ସ୍ୱେଚ୍ଛାସେବୀମାନେ ଡାକ୍ତରଖାନା ପରିସର ସଫା କରିବା ସହ ବୃକ୍ଷରୋପଣ କରିଥିଲେ। ଡାକ୍ତରଖାନା ପରିଚାଳକ ଦିପକ କୁମାର ନନ୍ଦ, ସେବିକା ରୋଜାଲିନ ଲାକ୍ରା ଓ କର୍ମଚାରୀ କିଶୋରଚନ୍ଦ୍ର କର୍ଣ୍ଣ, ରବୀନ୍ଦ୍ର ବେହେରା, ସ୍ୱେଚ୍ଛାସେବୀ ନୂତନ ନାଗ ସାମିଲ ଥିଲେ।

## ବଦଳିବ ଷ୍ଟିଲ୍‌ସିଟି ରୂପରେଖ

ରାଉରକେଲା ଅଫିସ,୧୭।୧୨

### ମୁକ୍ତା ଯୋଜନାର ସମୀକ୍ଷା କଲେ ୫-ଟି ସଚିବ

ଭର୍ଚୁଆଲମୋଡ୍‌ରେ ୫ଟି ସଚିବ ଭି. କେ. ପାଣ୍ଡିଆନ ଶୁକ୍ରବାର ପାନପୋଷ ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ମୁକ୍ତା ଯୋଜନାର ସମୀକ୍ଷା କରିଛନ୍ତି। ବୈଠକରେ ସୁନ୍ଦରଗଡ଼ ଜିଲାପାଳ ନିଖିଲ ପବନ କଲ୍ୟାଣ, ପାନପୋଷ ଅତିରିକ୍ତ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଆର୍‌ଏମ୍‌ସି ଉପଆୟୁକ୍ତ ସୁଧାଂଶୁ ଶେଖର ଭୋଇ, ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକଙ୍କ ସମେତ ବହୁ ବରିଷ୍ଠ ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ। ରାଉରକେଲାରେ ବାକି ରହିଥିବା ବହୁ ପ୍ରକଳ୍ପ କାମ ସହ ରାସ୍ତାଘାଟ, ପାନୀୟଜଳ, ବିଦ୍ୟୁତ ସେବା, ଡ୍ରେନେଜ ସମସ୍ୟା ସହ ବିଭିନ୍ନ ବସ୍ତିର ଉନ୍ନତି ଉପର ଆଲୋଚନା କରାଯାଇଥିଲା। ଆଗାମୀ ଦିନରେ ସହରକୁ କିଭଳି ଉନ୍ନତି କରିହେବ ସେ ନେଇ ଜନସାଧାରଣ ମତ ରଖିବା ପାଇଁ ଆହ୍ୱାନ ଦିଆଯାଇଥିଲା। ସହରର ରାସ୍ତାଘାଟ ଓ ଉନ୍ନତି ପାଇଁ ୫ଟି ସଚିବ ପାଣ୍ଡିଆନ ୫୦ କୋଟି ଟଙ୍କାର ଅନୁଦାନ ରାଶି ଘୋଷଣା କରିଥିଲେ। ସେଥିମଧ୍ୟରୁ ସହର ରାସ୍ତାଘାଟର ଉନ୍ନତୀକରଣ ପାଇଁ ୨୫ କୋଟି ଓ ଅନ୍ୟାନ୍ୟ ଉନ୍ନତି ପାଇଁ ୨୫ କୋଟି ଟଙ୍କା ବ୍ୟୟ କରାଯିବ ବୋଲି ବିଧାୟକ ନାୟକ ସୂଚନା ଦେଇଥିଲେ। ଏହା ପୂର୍ବରୁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ପରିଚାଳିତ ମୁକ୍ତା ଯୋଜନା କିଭଳି ପରିଚାଳିତ ହେଉଛି ତାକୁ ମଧ୍ୟ ତଦାରଖ କରାଯାଇଥିଲା।

## ଏସ୍‌ଜେସି ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ


ଅତିଥିଙ୍କ ଗହଣରେ ଖେଳାଳିମାନେ।

ସମ୍ବଲପୁର,୧୭।୧୨(ବ୍ୟୁରୋ)

ଏସ୍‌ଜେସି ତିନିଦିବସୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ ଶୁକ୍ରବାର ସମ୍ବଲପୁର ଜିଲା ବାଗଡିଆ ଖେଳପଡିଆଠାରେ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ମ୍ୟାଚ ମିର୍ଗାମୁଣ୍ଡା ଓ ଟାଙ୍ଗରପାଲି ମଧ୍ୟରେ ହୋଇଥିଲା। ନିର୍ଦ୍ଧାରିତ ସମୟରେ କେହି କାହାକୁ ଗୋଲଦେଇ ନ ପାରିବାରୁ ଟ୍ରାଇବ୍ରେକର ପଦ୍ଧତି ଅବଲମ୍ବନ କରାଯାଇଥିଲା। ଏଥିରେ ମିର୍ଗାମୁଣ୍ଡା ୪-୦ ଗୋଲରେ ବିଜୟୀ ହୋଇଥିଲା। ସମ୍ବଲପୁର ଜିଲା ଭାଜପା ଯୁବମୋର୍ଚ୍ଚା ସଭାପତି ଅଶ୍ୱିନୀ ମାଝି ମୁଖ୍ୟଅତିଥି, ଉପସଭାପତି ଉଦ୍ଧବ ଭୋଇ, ସୁଦୀପ ପରିଡା, ଅନୀଲ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।

## ମାତା ମଠରେ ଗୀତାପାଠ

ସମ୍ବଲପୁର,୧୭।୧୨(ବ୍ୟୁରୋ)

ଗୀତା ଜୟନ୍ତୀ ଗୁରୁବାର ସମ୍ବଲପୁର ସହର ମହାନ୍ତିପଡାସ୍ଥିତ ମାତା ମଠଠାରେ ପାଳିତ ହୋଇଯାଇଛି। ବ୍ରାହ୍ମଣ ଓ ଭକ୍ତମାନଙ୍କ ଦ୍ୱାରା ସାମୂହିକ ଗୀତା ପାଠ କରାଯାଇଥିଲା। ଗୋପାଳ ପଣ୍ଡା ପୂଜାର୍ଚ୍ଚନା କରିଥିବାବେଳେ ପୂର୍ବତନ ରାଜ୍ୟ ସଭା ସଦସ୍ୟା ପ୍ରମିଳା ବହିଦାର କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ବୃନ୍ଦାବନ ଚତୁସମ୍ପ୍ରଦାୟ ବୈଷ୍ଣବ ପରିଷଦ ଅଧ୍ୟକ୍ଷ ମହାମଣ୍ଡଳେଶ୍ୱର ମହନ୍ତ ସଚ୍ଚିଦାନନ୍ଦ ଶାସ୍ତ୍ରୀ, କଣ୍ଟାବାଞ୍ଜିର ବାବା ଅଦ୍ୱୈତ ଚରଣ ଦାଶ ଅତିଥି ଭାବେ ଯୋଗଦେଇ ଗୀତା ମହାତ୍ମ୍ୟ ଉପରେ ଆଲୋଚନା କରିଥିଲେ।

## ଛାତ୍ରୀଙ୍କ ସମ୍ବଲପୁରୀ ଡ୍ୟାନ୍ସ ମନ ମୋହିଲା


ମଞ୍ଚରେ ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି।

ଝାରସୁଗୁଡ଼ା ଅଫିସ,୧୭।୧୨

### ଜିଲାସ୍ତରୀୟ ସର୍ଗିଫୁଲ ପ୍ରତିଯୋଗିତା

ଝାରସୁଗୁଡା ଜିଲା କିର୍ମିରା ବ୍ଲକ୍ ଅର୍ଡା ହାଇସ୍କୁଲରେ ଶୁକ୍ରବାର ଏସ୍‌ଟିଏସ୍‌ସି ବିଭାଗ ତରଫରୁ ଜିଲାସ୍ତରୀୟ ସର୍ଗିଫୁଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାର ୩୩ ଆଶ୍ରମ ସ୍କୁଲ୍ ଓ ୩ ହାଇସ୍କୁଲ୍‌ର ୨୮୦ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଗ୍ରୁପ୍‌ଡ୍ୟାନ୍ସ, ରଙ୍ଗୋଲି, ଚିତ୍ରାଙ୍କନ, ବକ୍ତୃତା, କବିତା ଲିଖନ, ଫ୍ୟାନ୍ସିଡ୍ରେସ୍, ସଙ୍ଗୀତ, ସ୍ଲୋଗାନ ଲିଖନ, ଭଲିବଲ୍ ଆଦି ଇଭେଣ୍ଟରେ ପ୍ରତିଯୋଗିତା ହୋଇଥିଲା। ପ୍ରତି ଇଭେଣ୍ଟରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ଟ୍ରଫି ପ୍ରଦାନକରି ପୁରସ୍କୃତ କରିଥିଲେ। ଜିଲା ମଙ୍ଗଳ ଅଧିକାରୀ ସୂର୍ଯ୍ୟକାନ୍ତ ମାଝି, ସୋଢାମାଲ ହାଇସ୍କୁଲ ପ୍ରଧାନ ଶିକ୍ଷକ ଲକ୍ଷ୍ମୀ ନାରାୟଣ ସିଂହ, ବଞ୍ଜାରୀ ହାଇସ୍କୁଲ ସହକାରୀ ପ୍ରଧାନ ଶିକ୍ଷକ ଗୌରୀ ଶଙ୍କର ବିଶି, ଶିକ୍ଷକ ପ୍ରେମ ସାଗର ଦାସ, ବିଜୟ ପାଣି ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଜିଲାପାଳ ସରୋଜ କୁମାର ସାମଲ ମୁଖ୍ୟଅତିଥି, କିର୍ମିରା ବିଡିଓ ସୂର୍ଯ୍ୟ କୁମାର ନାୟକ, ତହସିଲଦାର ମୁକୁଟମଣି ଖେସ୍, କିର୍ମିରା ସିଏଚ୍‌ସି ମୁଖ୍ୟ ଡା. ଘନଶ୍ୟାମ ସୋରେନ, ରାଜ୍ୟ ଜୀବନ କୌଶଳ ସଂଯୋଜକ ଚୟନିକା ଦାସ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଭାଲୁପତ୍ରା ଆଶ୍ରମ ସ୍କୁଲ୍ ପ୍ରଧାନଶିକ୍ଷକ ସତ୍ୟବାନ ପତି, ଛୁଆଲିବେର୍ଣ୍ଣା ଆଶ୍ରମ ସ୍କୁଲ ପ୍ରଧାନଶିକ୍ଷକ ସୁଶାନ୍ତ ତ୍ରିପାଠୀ ଓ ସୁନିତ ଦାସ ପ୍ରମୁଖ ଏହାକୁ ପରିଚାଳନା କରିଥିଲେ।

## ୟାନମାର ଶୋ'ରୁମ୍ ଉଦ୍‌ଘାଟିତ

ସମ୍ବଲପୁର,୧୭।୧୨(ବ୍ୟୁରୋ)

ୟାନମାର କମ୍ପାନୀର ଏକ୍ସକ୍ଲୁସିଭ୍ ଶୋ'ରୁମ ଶୁକ୍ରବାର ସମ୍ବଲପୁର ପରଧିଆପାଲିସ୍ଥିତ କୋଶଳ ଏଗ୍ରୋ ମାର୍ଟଠାରେ ଉଦ୍‌ଘାଟିତ ହୋଇଯାଇଛି। କମ୍ପାନୀ ପରିଚାଳନା ନିର୍ଦ୍ଦେଶକ ତଥା ସିଇଓ ନୋରିଓ ଇୱାନୋ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଡିଜିଏମ ଜିପ୍ରକାଶ, ଶୋ'ରୁମ ସ୍ୱତ୍ୱାଧିକାରୀ ସୁମିତ ପାତ୍ର, ମ୍ୟାନେଜର ଆଶିଷ କୁମାର ସାହୁ ଉପସ୍ଥିତ ଥିଲେ। ସ୍ୱତ୍ୱାଧିକାରୀ ସୁମିତ ସୂଚନା ଦେଇ କହିଥିଲେ, ୟାନମାର ମୁଖ୍ୟତଃ ଜାପାନିଜ କମ୍ପାନୀ। ସମସ୍ତ ପ୍ରକାର ଚାଷ ସମ୍ବନ୍ଧୀୟ ଉପକରଣ ସକାଶେ କମ୍ପାନୀର ସ୍ୱତନ୍ତ୍ରତା ରହିଛି। ଅପରପକ୍ଷେ କମ୍ପାନୀ ଗ୍ରାହକମାନଙ୍କ ସେବାକୁ ଅଧିକ ଗୁରୁତ୍ୱ ଦେଇଆସୁଛି ବୋଲି କହିଥିଲେ।


ଅତିଥିମାନେ ଶୋ'ରୁମ ଉଦ୍‌ଘାଟନ କରୁଛନ୍ତି।

## ଆମ୍ବୁଲାନ୍ସ ଲୋକାର୍ପିତ

କୁଚିଣ୍ଡା,୧୭।୧୨(ଡି.ଏନ.ଏ.)

କୁଚିଣ୍ଡା ଉପଖଣ୍ଡ ଡାକ୍ତରଖାନାକୁ ଆପତ୍‌କାଳୀନ ପାଣ୍ଠିରୁ ଦିଆଯାଇଥିବା ଆମ୍ବୁଲାନ୍ସ ଗୁରୁବାର ବିଧାୟକ କିଶୋର ଚନ୍ଦ୍ର ନାଏକଙ୍କ ଦ୍ୱାରା ଲୋକାର୍ପିତ ହୋଇଛି। ଫଳରେ ଅଞ୍ଚଳର ଜନସାଧାରଣ ସେବା ପାଇପାରିବେ ବୋଲି ବିଧାୟକ ନାଏକ କହିଥିଲେ। ଆମ୍ବୁଲାନ୍ସର ପରିଚାଳନା ଦାୟିତ୍ୱ ମାରୁୱାଡି ଯୁବାମଞ୍ଚ ନେଇଥିବା ଜଣାଯାଇଛି।

## ନୂତନ ପଞ୍ଚାୟତ କାର୍ଯ୍ୟାଳୟ ଉଦ୍‌ଘାଟିତ

**କୋକସରା,(ଡି.ଏନ.ଏ.):** କଳାହାଣ୍ଡି ଜିଲା କୋକସରା ବ୍ଲକ କାଶିବାହାଲ ପଞ୍ଚାୟତର ନୂତନ କାର୍ଯ୍ୟାଳୟ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ କୋକସରା ବିଡିଓ ମନୀଷା ଦାସ, କାଶିବାହାଲ ସରପଞ୍ଚ କଲ୍ୟାଣି ପାତ୍ର, ନାଏବ ସରପଞ୍ଚ ବିରଞ୍ଚି ଚଣ୍ଡି, ସମିତି ସଭ୍ୟା ଡାଲିମ୍ବ ମାଝି, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅରବିନ୍ଦ ମେହେର ଉପସ୍ଥିତ ରହିଥିଲେ। ପଞ୍ଚାୟତ କାର୍ଯ୍ୟାଳୟ ଉଦଘାଟନ ସମୟରେ କାଶିବାହାଲ ପଞ୍ଚାୟତ ପଞ୍ଚାୟତ ଜନପ୍ରତିନିଧି, କର୍ମଚାରୀ ଓ ଗ୍ରାମବାସୀ ଉପସ୍ଥିତ ରହିଥିଲେ।

## ସଂକ୍ଷେପରେ

### କାର୍ ଭାଙ୍ଗି ଦେଲେ ଦୁର୍ବୃତ୍ତ

**ତୁଣ୍ଡଲା,୧୭।୧୨(ଡି.ଏନ.ଏ.):** ବଡବାପାଙ୍କ ଘରକୁ ଆସିଥିବା ସୁବର୍ଣ୍ଣପୁର ଜିଲା ସୁଖା ଗ୍ରାମର ଶଙ୍କର ପ୍ରସାଦ ସାହୁଙ୍କ କାର ଦୁର୍ବୃତ୍ତମାନେ ଗୁରୁବାର ରାତିରେ ଭାଙ୍ଗି ଦେଇଛନ୍ତି। ଏ ନେଇ ପଲମ ଫାଣ୍ଡିରେ ଲିଖିତ ଅଭିଯୋଗ ପରେ ଫାଣ୍ଡି ଅଧିକାରୀ ଅସିତ କୁମାର ପଣ୍ଡା ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ସୂଚନା ଯେ, କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଅନ୍ତର୍ଗତ ବେଲଖଣ୍ଡି ପଞ୍ଚାୟତ ଡିଗ୍ରୀ ମହାବିଦ୍ୟାଳୟ ସମ୍ମୁଖରେ ରହୁଥିବା ବଡବାପା ବିନୋଦ ବିହାରୀ ସାହୁଙ୍କ ଘରକୁ ଶଙ୍କର ପରିବାର ସହ ଏକ କାର (ନଂ.ଓଡି୦୩ଏମ୍-୩୬୬୩) ଯୋଗେ ଆସିଥିଲେ। ସମସ୍ତେ ଖାଇସାରି ଶୋଇବା ପରେ ଦୁର୍ବୃତ୍ତ ଆସି ଇଟା ସାହାଯ୍ୟରେ ଗାଡି ଭଙ୍ଗାରୁଜା କରିଥିଲେ। ସକାଳୁ ଉଠି ଦେଖିଲା ବେଳକୁ ଗାଡି ଭଙ୍ଗିଯାଇଥିବା ଦେଖି ପଲମ ଫାଣ୍ଡିରେ ଶଙ୍କର ଲିଖିତ ଅଭିଯୋଗ କରିଛନ୍ତି।

### ଭରସୁଜା ପ୍ୟାକ୍ସରେ ୫ କେଜି ଧାନ କଟ୍‌ନି ଅଭିଯୋଗ

**ଲୋଇସିଂହା,୧୭।୧୨(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ଭରସୁଜା ପ୍ୟାକ୍ସରେ ୫ କେଜି ଧାନ କଟନୀ ହେଉଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ଚାଷୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଭରସୁଜା, ନୁନିଆଁପାଲି ଓ ଝରଣୀପାଲି ପଞ୍ଚାୟତର ୨୨ ଖଣ୍ଡ ଗାଁକୁ ନେଇ ଭରସୁଜା ପ୍ୟାକ୍ସ। ଏଠାରେ ଗତ ୭ ତାରିଖ ଠାରୁ ଧାନକିଣା ଆରମ୍ଭ ହୋଇଛି। ଇତିମଧ୍ୟରେ ୨୫ ଜଣ ଚାଷୀଙ୍କ ଠାରୁ ପ୍ରାୟ ୧୬ଶହ କୁଇଣ୍ଟାଲ ଧାନ କିଣାଯାଇଛି। ତେବେ ପ୍ୟାକ୍ସରେ ମିଲର୍ସ ଓ ପ୍ୟାକ୍ସ କର୍ତ୍ତୃପକ୍ଷ ବିଭିନ୍ନ ଆଳ ଦେଖାଇ କୁଇଣ୍ଟାଲ ପ୍ରତି ୫ କେଜି ଧାନ କଟନୀ ଛଟନୀ କରୁଥିବା ବ୍ଲକ ବିଜେଡି ସଭାପତି ପଞ୍ଚୁ ସାହୁ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ପ୍ୟାକ୍ସ ସମ୍ପାଦକ ମୁକେଶ କୁମାର ବିଶ୍ୱାଳଙ୍କୁ ପଚାରିବାରେ ଅଭିଯୋଗ ଭିତ୍ତିହୀନ ବୋଲି କହିଛନ୍ତି।

### ଭାଜପା କର୍ମୀ ସମ୍ମିଳନୀ

**ଲାଠୋର,୧୭।୧୨(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ଖେଳପଡିଆଠାରେ ଶୁକ୍ରବାର ଜୋନ ୩ ମଣ୍ଡଳ ସଭାପତି ଶଶି ପୂଝାରୀଙ୍କ ଅଧକ୍ଷତାରେ ଭାଜପାର କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପାଟଣାଗଡ ପୂର୍ବତନ ବିଧାୟକ କନକ ବର୍ଦ୍ଧନ ସିଂଦେଓ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ସଭାପତି ଶିବାଜୀ ମହାନ୍ତି, ଜିଲା ପରିଷଦ ସଭ୍ୟ ବିପ୍ର ବିଶି, ପୂର୍ବତନ ବ୍ଲକ ଅଧକ୍ଷ ନରସିଂଘ ବୁଡେକ, ଲାଠୋର ସରପଞ୍ଚ ପ୍ରବିଣ ଅଗ୍ରୱାଲ, ପୂର୍ବତନ ସରପଞ୍ଚ ସନ୍ତୋଷ ଭଇଁଷାଲ, ଘାସିରାମ ଅଗ୍ରୱାଲ, ଉପେନ୍ଦ୍ର ଭୋଇ, ପାଲା ଶାଗର ଭୋଇ, ରବି ସାହୁ ଯୋଗ ଦେଇଥିଲେ। ଆଗାମୀ ପଞ୍ଚାୟତ ନିର୍ବାଚନକୁ ଆଖି ଆଗରେ ରଖି ଜୋନ ୩ ଅଞ୍ଚଳରେ ପ୍ରାର୍ଥୀ ଚୟନ ସହ ତୃଣମୂଳ ସ୍ତରରେ ଦଳ କିପରି ସୁଦୃଢ ହୋଇ ନିର୍ବାଚନରେ ବିଜୟୀ ହେବ ସେ ଉପରେ ଅତିଥିମାନେ ଗୁରୁତ୍ୱ ଆରୋପ କରିଥିଲେ। କେନ୍ଦ୍ର ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ ଯୋଜନାର ସଫଳ ରୂପାୟନ ନିମନ୍ତେ ମୁଖ୍ୟଅତିଥି କର୍ମୀମାନଙ୍କୁ ଆହ୍ୱାନ କରିଥିଲେ। ଦଶରଥ ପାଣିଗ୍ରାହୀ ମଞ୍ଚ ପରିଚାଳନା କରିଥିବା ବେଳେ ଯୁବ ମୋର୍ଚ୍ଚା ସଭାପତି କାଶୀନାଥ ମେହେର ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ କଂଗ୍ରେସ ଓ ବିଜେଡିର ୭୦ ଜଣ କର୍ମୀ ଭାଜପାରେ ମିଶିଥିଲେ।

### କୁଶୁର୍ଲା ମକର ମେଳା କମିଟିର ପ୍ରସ୍ତୁତି ବୈଠକ

**ପଲମ,୧୭।୧୨(ଡି.ଏନ.ଏ.):** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଅଧୀନ ଯୋରାଡବରା ପଞ୍ଚାୟତସ୍ଥିତ କୁଶୁର୍ଲା ନିଳକଣ୍ଠେଶ୍ୱର ମହାଦେବଙ୍କ ମନ୍ଦିରପୀଠରେ ମକର ମେଳା ପାଇଁ ବୈଠକ ଅନୁଷ୍ଠିତ ହୋଇଯାଇଛି। ୪୫ଖଣ୍ଡ ଗ୍ରାମର ଭକ୍ତ ତଥା କମିଟିର ସଦସ୍ୟମାନେ ଏକତ୍ରିତ ହୋଇ ଶୈବପୀଠ ପରିସରରେ ମକର ମେଳା ପାଇଁ ଆଲୋଚନା କରାଯାଇଛି। କମିଟି ସଭାପତି ଜଗତରାମ ଭୋଇ ସମ୍ପାଦକ, ନୈରୁତ ଜାନୀ ତଥା ଅନ୍ୟାନ୍ୟ କମିଟି ସଭ୍ୟମାନେ ଯୋଗଦେଇଥିଲେ। ମନ୍ଦିର ପୂଜକ ନେତ୍ରାନନ୍ଦ ବଡମାଳୀ ବୈଠକରେ ଯୋଗଦେଇଥିଲେ। ସଭାରେ ପୂର୍ବ ବୈଠକର ଆଲୋଚନା କରାଯାଇଥିଲା। ଆସନ୍ତା ଜାନୁୟାରୀ ୧୪ ତାରିଖରେ ହେବାକୁ ଥିବା ମକରମେଳା ଉପରେ ଆଲୋଚନା କରାଯାଇଥିଲା। ସରକାରଙ୍କ କୋଭିଡ୍ କଟକଣା ଯୋଗୁ ମକରମେଳା ବନ୍ଦ କରିବା ସ୍ଥିର କରାଯାଇ ମନ୍ଦିରରେ କେବଳ ପୂଜାର୍ଚ୍ଚନା ପାଇଁ କମିଟି ନିଷ୍ପତ୍ତି ନେଇଛି।

# ବିଦ୍ୟାଳୟରେ ତାଲା ପକାଇଲେ ଗ୍ରାମବାସୀ

**ଶିକ୍ଷକ ବଦଳିକୁ ବିରୋଧ**

ନୂଆପଡ଼ା ଅଫିସ,୧୭।୧୨

ନୂଆପଡା ସଦର ବ୍ଲକ କେନ୍ଦୁବାହାରା ସରକାରୀ ଉଚ୍ଚ ବିଦ୍ୟାଳୟରେ କାର୍ଯ୍ୟରତ ବିଜ୍ଞାନ ଶିକ୍ଷକଙ୍କୁ ବଦଳି କରାଯାଇଛି। ଏହାକୁ ବିରୋଧ କରି ଶୁକ୍ରବାର ଗ୍ରାମବାସୀ ବିଦ୍ୟାଳୟରେ ତାଲା ପକାଇ ଧାରଣା ଦେଇଥିଲେ। ପ୍ରାପ୍ତସୂଚନା ଅନୁସାରେ କେନ୍ଦୁବାହାରା ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରତାପ ମେହେର ବିଜ୍ଞାନ ଶିକ୍ଷକ ଭାବେ କାର୍ଯ୍ୟ କରି ଆସୁଥିଲେ। ବିଜ୍ଞାନ ଶିକ୍ଷକ ମେହେରଙ୍କୁ କେନ୍ଦୁବାହାରା ପଞ୍ଚାୟତ ଶିରିଗିଡି ବିଦ୍ୟାଳୟକୁ ବଦଳି କରାଯାଇଥିଲା। ବିଜ୍ଞାନ ଶିକ୍ଷକ ଭାବେ ଭଲ କାର୍ଯ୍ୟ ତୁଲାଇ ଆସୁଥିବାରୁ କେନ୍ଦୁବାହାରାବାସୀ ଅନ୍ୟତ୍ର ବଦଳି ନ କରିବା ପାଇଁ ବିଦ୍ୟାଳୟରେ ତାଲା ପକାଇ ଧାରଣା ଦେଇଥିଲେ। ଖବର ପାଇ ଧାରଣାସ୍ଥଳରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ରାଧେଶ୍ୟାମ ମେହେର ପହଞ୍ଚି ଗ୍ରାମବାସୀଙ୍କ ସହିତ ଆଲୋଚନା କରିଥିଲେ ମଧ୍ୟ ସମାଧାନ ହୋଇ ପାରି ନ ଥିଲା। ଶେଷରେ ଗ୍ରାମବାସୀ ନୂଆପଡା ଜିଲା ଶିକ୍ଷା ଅଧିକାରୀ ଫୁଲମଣୀ ମୁର୍ମୁ ପାଖକୁ ଆସି ସମସ୍ୟା ବିଷୟରେ ଜଣାଇଥିଲେ। ଜିଲା ଶିକ୍ଷା ଅଧିକାରୀ ଗ୍ରାମବାସୀଙ୍କ ସହିତ ଆଲୋଚନା କରି ଶନିବାର ଶିରିଗିଡି ବିଦ୍ୟାଳୟରୁ କେନ୍ଦୁବାହାରା ସରକାରୀ ଉଚ୍ଚ ବିଦ୍ୟାଳୟକୁ ଫେରାଇ ଅଣାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।



ଗ୍ରାମବାସୀ ବିଦ୍ୟାଳୟରେ ଗେଟରେ ତାଲା ପକାଇଛନ୍ତି।

## ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ ଦାବି

କର୍ଲାମୁଣ୍ଡା,୧୭।୧୨(ଡି.ଏନ.ଏ.)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ସାପଲହରା ପଞ୍ଚାୟତ ବାଞ୍ଜିପଦର ଗାଁରେ ପୂର୍ବରୁ ଏସଇସିସି ତାଲିକାରେ ନାମ ରହିଥିଲେ ହେଁ ଅନେକ ଯୋଗ୍ୟ ହିତାଧିକାରୀ ଘର ପାଇବାରୁ ବଞ୍ଚିତ ହୋଇଛନ୍ତି। ଏ ନେଇ ଗାଁର ମହିଳାମାନେ ବ୍ଲକକୁ ଆସି ବିଡିଓଙ୍କୁ ସାକ୍ଷାତ କରିଥିଲେ। ବିଡିଓ କୌଣସି ଗୁରୁତ୍ୱ ଦେଇ ନ ଥିବାରୁ ମହିଳାମାନେ ଅସନ୍ତୋଷରେ ଫେରି ଯାଇଥିବା ସାମାଜିକ କର୍ମୀ ଜୟନ୍ତୀ ସାହୁ କହିଛନ୍ତି। ଚଞ୍ଚକତା କରି ବାଞ୍ଜିପଦର ଗାଁ ଲୋକଙ୍କ ନାମ ଯୋଗ୍ୟ ତାଲିକାରୁ ବାଦ କରାଯାଇଥିବା ଜଣେ ହିତାଧିକାରୀ କହିଛନ୍ତି। ଅନ୍ୟପଟେ ସାପଲହରା ପଞ୍ଚାୟତ ସରପଞ୍ଚ ପୃଥୀରାଜ ମାଝିଙ୍କୁ ପଚାରିବାରୁ ଘର କାଟିବା ଲୋକ ଆମେ ନାହୁଁ ବୋଲି କହିଛନ୍ତି। ଏହାର ଉପଯୁକ୍ତ ତଦନ୍ତ କରାଯାଇ ଯୋଗ୍ୟ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ମନ୍ଦିର ମଣ୍ଡପ ଗୃହ ଉଦ୍‌ଘାଟିତ

ଜୁନାଗଡ,୧୭।୧୨(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଚିଚୈଗୁଡାସ୍ଥିତ ନୀଳକଣ୍ଠେଶ୍ୱର ମନ୍ଦିର ମଣ୍ଡପ ଗୃହ ଶୁକ୍ରବାର ଉଦଘାଟିତ୍ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟ ଶଙ୍କର ମିଶ୍ର ଯୋଗଦେଇ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ସୁଧିରା ମେହେର, ମନ୍ଦିର କମିଟି ସଭାପତି ରାଜେନ୍ଦ୍ର ମେହେର, ସମ୍ପାଦକ ପ୍ରଦ୍ୟୁମ୍ନ ମେହେର, ଉପସଭାପତି ରୁଶାନ୍ତ ମେହେର, କୋଷାଧ୍ୟକ୍ଷ ବିବାଶୁଂ ମେହେର, ଶିବ ମେହେର ପ୍ରମୁଖ ଉପସ୍ଥିତ ଥିଲେ।

## ଓଡ଼ିଶା ରାଜ୍ୟ ବିଦ୍ୟୁତ୍ କର୍ମଚାରୀ ସଂଘ ବାର୍ଷିକ ନିର୍ବାଚନୀ ସଭା


ବାର୍ଷିକ ନିର୍ବାଚନୀ ସଭାରେ ଯୋଗଦେଇଥିବା ଅତିଥିଗଣ।

ଜୁନାଗଡ,୧୭।୧୨(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ସହର ହିଞ୍ଜିଲିବାହାଲିସ୍ଥିତ ୩୩/୧୧କେଭି ଷ୍ଟକଚରଠାରେ ଶୁକ୍ରବାର ଓଡ଼ିଶା ରାଜ୍ୟ ବିଦ୍ୟୁତ୍ ଶ୍ରମିକ କର୍ମଚାରୀ ସଂଘ ବାର୍ଷିକ ନିର୍ବାଚନୀ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ସଂଘ ଡିଭିଜନ ସମ୍ପାଦକ ରମେଶ ଚନ୍ଦ୍ର ପଣ୍ଡା, ସମ୍ମାନିତ ଅତିଥି ଭାବେ କେନ୍ଦ୍ରୀୟ କର୍ମକର୍ତ୍ତା ଭବାନୀ ଶଙ୍କର ସାହୁ, ସଂଘ ସହସମ୍ପାଦକ ଅଜୟ ସିଂ ପ୍ରମୁଖ ଯୋଗଦେଇଥିଲେ। ଏଥିରେ ଆସନ୍ତା ୨୦୨୨ ପାଇଁ ନୂତନ କର୍ମକର୍ତ୍ତା ନିର୍ବାଚନ ହୋଇଥିଲା। ଏଥିରେ ଜୁନାଗଡ ୧ନଂ ସେକସନ୍‌ର ସଙ୍ଗଠକ ଭାବେ ଶୈଳେନ୍ଦ୍ର ଦଣ୍ଡସେନା, ଜୁନାଗଡ ୨ନଂ ସେକସନ୍ ପାଇଁ ଅନାମ ଗହୀର, ଜୁନାଗଡ ୩ନଂ ସେକସନ୍ ପାଇଁ ତପନ ସିଂ ଓ କଲମପୁର ସେକସନ୍ ପାଇଁ ସନାତନ ରାଉତ ସର୍ବସମ୍ମତିକ୍ରମେ ନିର୍ବାଚିତ ହୋଇଥିଲେ। ସେହିପରି ଜୁନାଗଡ ସବ୍‌ଡିଭିଜନ ସମ୍ପାଦକ ପାଇଁ ବିକାଶ ନାୟକ ନିର୍ବାଚିତ ହୋଇଥିଲେ। ଏଥିରେ ଠିକା କର୍ମଚାରୀମାନଙ୍କୁ ଶୀଘ୍ର ନିୟମିତ କରିବା, ଠିକ୍ ସମୟରେ ଦରମା ପ୍ରଦାନ ଓ ସଂସ୍ଥା ଦରମାରେ ତାରତମ୍ୟ ସମାଧାନ କରିବା ଆଦି ସମସ୍ୟା ଉପରେ ଆଲୋଚନା ହୋଇଥିଲା। ସହସମ୍ପାଦକ ଅଜୟ ସିଂ ସଭା ପରିଚାଳନା କରିଥିଲେ।

## ଅନେକ ଚାଷୀ ଟୋକନ ପାଇବାରୁ ବଞ୍ଚିତ

ବେହେରା,୧୭।୧୨ (ଡି.ଏନ.ଏ.)

କଳାହାଣ୍ଡି ଜିଲା ପ୍ରଶାସନ ପକ୍ଷରୁ ଗତ ୨୫ ତାରିଖରୁ ମଣ୍ଡି ଆରମ୍ଭ ହୋଇଥିବା ବେଳେ ବେହେରା ମଣ୍ଡି ଡିସେମ୍ବର ପହିଲାରୁ ସ୍ୱାଭାବିକ ହୋଇପାରିଛି। ହେଲେ ଘର ନ ପଶୁଣୁ ମୁଣ୍ଡରେ ଚାଳ ବାଜିବା ଭଳି ମଣ୍ଡିରେ ଅନେକ ସମସ୍ୟା ଦେଖାଦେଇଛି। ଅଞ୍ଚଳର ଶତ ପ୍ରତିଶତ ଲୋକ ଧାନଚାଷ ଉପରେ ନିର୍ଭର କରନ୍ତି। କିନ୍ତୁ ବିଭାଗୀୟ କର୍ମଚାରୀଙ୍କ ଅବହେଳାରୁ ଅନେକ ଚାଷୀ ଟୋକନ ପାଇବାରୁ ବଞ୍ଚିତ ହୋଇଛନ୍ତି। ଏ ନେଇ ଚାଷୀମାନେ ଗତ ୨ ତାରିଖରେ ଧର୍ମଗଡ଼ ତହସିଲଦାରଙ୍କ ପାଖରେ ଫେରାଦ ହୋଇଥିଲେ। ଏହାପରେ ୫ ତାରିଖରେ ତହସିଲଦାରଙ୍କ ସମେତ ଉପଜିଲାପାଳ ପହଞ୍ଚି ଚାଷୀମାନଙ୍କୁ ସାକ୍ଷାତ କରି ଜମି କାଗଜାତ ତନଖୀ କରିଥିଲେ। ଖୁବ୍‌ଶୀଘ୍ର ଟୋକନ ସମସ୍ୟା ସମାଧାନ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ ହେଁ ଅନେକ ଚାଷୀ ବର୍ତ୍ତମାନ ପର୍ଯ୍ୟନ୍ତ ଟୋକନ ପାଇବାରୁ ବଞ୍ଚିତ ଅଛନ୍ତି। ସେପଟେ ଟୋକନ ପାଇ ମଣ୍ଡିରେ ଧାନ ନେଇଥିବା କେତେକ ଚାଷୀଙ୍କ ଧାନକୁ ଏଫଓକ୍ୟୁମାନରୁ ନିମ୍ନ କହି ମିଲର୍ସ ଧାନ ନେଉନାହାନ୍ତି। ପ୍ରଶାସନ ପକ୍ଷରୁ ୧୭ ପ୍ରତିଶତ ପର୍ଯ୍ୟନ୍ତ ଆର୍ଦ୍ରତା ଥିବା ଧାନ ଉଠାଇବା ପାଇଁ ନିର୍ଦ୍ଦେଶ ରହିଛି। ହେଲେ ମଣ୍ଡିରେ ପଡିଥିବା ଧାନ ୧୭ ପ୍ରତିଶତରୁ ଅଧିକ ଆର୍ଦ୍ରତା ଥିବାରୁ ଧାନ ନେବାକୁ ଅମଙ୍ଗ କରୁଛନ୍ତି ମିଲର୍ସ। ଏଣୁ ୧୪ ତାରିଖରୁ ଆସନ୍ତା ରବିବାର ଯାଏ ଧାନ ଗ୍ରହଣ କରିବା ସ୍ଥଗିତ ରଖାଯାଇଛି। ୧୪ ତାରିଖଠୁ ଟୋକନ ପାଇଥିବା ଚାଷୀମାନେ ମଣ୍ଡିକୁ ଧାନ ନେଇ ନ ପାରି ଚିନ୍ତାରେ ପଡିଛନ୍ତି। ସୂଚନା ଅନୁସାରେ ବର୍ତ୍ତମାନ ସୁଦ୍ଧା ୭୯ଜଣ ଚାଷୀଙ୍କଠାରୁ ୩୦୮୨ କୁଇଣ୍ଟାଲ ଧାନ କିଣାଯାଇଛି। ପ୍ରଥମ ସପ୍ତାହରୁ ଏପରିସ୍ଥିତି ଉପୁଜୁଥିବା ନେଇ ଗତବର୍ଷ ଭଳି ମଣ୍ଡିରୁ ଧାନ ଘରକୁ ଫେରାଇ ନେବାକୁ ପଡିଯାଇ ପାରେ ବୋଲି ଚାଷୀ ଆଶଙ୍କାରେ ରହିଛନ୍ତି।


ବେହେରା ମଣ୍ଡିରେ ଧାନ ପଡ଼ିରହିଛି।

**ଆସନ୍ତା ରବିବାର ଯାଏ ଧାନକିଣା ସ୍ଥଗିତ**

## ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି ପ୍ରଶାନ୍ତ

**ୟୁରିଆ ସାର ଖାଇ ଗୁରୁତର**

ଲୋଇସିଂହା,୧୭।୧୨(ଡି.ଏନ.ଏ.)

ପାରିବାରିକ କଳହକୁ ନେଇ ୟୁରିଆ ସାର ଖାଇବାରୁ ଦୁଇଟି ଯାକ କିଡ୍‌ନୀ ନଷ୍ଟ ହୋଇଯାଇଛି। ବହୁ ଟଙ୍କା ଖର୍ଚ୍ଚ କରି ଚିକିତ୍ସା ହେବା ପରେ ବି ସୁଫଳ ମିଳିଲା ନାହିଁ। ଏବେ ଟଙ୍କା ଅଭାବରୁ ଚିକିତ୍ସିତ ହୋଇ ନ ପାରି ମୃତ୍ୟୁ ସହ ସଂଗ୍ରାମ ଚଳାଇଛନ୍ତି ଲୋଇସିଂହା ଥାନା ଅନ୍ତର୍ଗତ ସକମା ପଞ୍ଚାୟତ ଅଧୀନ କୁରୁରାପାଲି ଗାଁର ପ୍ରଶାନ୍ତ ଛତ୍ରିଆ (୨୮)। କୁରୁରାପାଲି ଗାଁର ଲକ୍ଷ୍ମୀ ଛତ୍ରିଆଙ୍କ ୩ ପୁଅଙ୍କ ମଧ୍ୟରୁ ପ୍ରଶାନ୍ତ ସବା ସାନ। ୨୦୨୦ରେ ସେ ପୁଇଁତଲା ବ୍ଲକ ଦୁର୍ଗାପାଲି ଅଞ୍ଚଳରେ ବିବାହ କରିଥିଲେ। ସ୍ତ୍ରୀ ସହ ଶ୍ୱଶୁର ଘରେ ରହୁଥିଲେ। ସ୍ତ୍ରୀ ଗର୍ଭବତୀ ଥିବା ବେଳେ ଗତ ଶ୍ରାବଣ ମାସରେ ପ୍ରଶାନ୍ତ ପାରିବାରିକ ଅଶାନ୍ତିକୁ ନେଇ ୟୁରିଆ ସାର ଖାଇ ଦେଇଥିଲେ। ଗୁରୁତର ହୋଇ ପଡିବାରୁ ପରିବାର ଲୋକେ ତାଙ୍କୁ ଜମି ବିକି ଓ ଧାର ଉଧାର କରି ବଲାଙ୍ଗୀର ଓ ରାଉରକେଲାସ୍ଥିତ ଡାକ୍ତରଖାନା ନେଇ ଚିକିତ୍ସା କରିଥିଲେ। ହେଲେ ସ୍ୱାସ୍ଥ୍ୟରେ ସେଭଳି ଉନ୍ନତି ପରିଲକ୍ଷିତ ହେଲା ନାହିଁ। ଏବେ ସେ ଖାଇବା ଏକରକମ ଛାଡି ଦେଇଛନ୍ତି। ତାଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ହୋଇପଡିଛି। ଅର୍ଥାଭାବରୁ ପୁଅକୁ ଚିକିତ୍ସା କରି ପାରୁ ନ ଥିବା ମା' ଲକ୍ଷ୍ମୀ କହିଛନ୍ତି। ଜିଲା ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗ ସହଯୋଗ କରିବାକୁ ସେ ଆକୁଳ ନିବେଦନ କରିଛନ୍ତି।

## ନୂଆପଡ଼ାରେ ଭାଜପାର ମିଶ୍ରଣ ପର୍ବ

ନୂଆପଡ଼ା ଅଫିସ,୧୭।୧୨

ନୂଆପଡା ଜିଲା ଭାରତୀୟ ଜନତା ପାର୍ଟି କାର୍ଯ୍ୟାଳୟରେ ଜିଲା ସଭାପତି ସୁବ୍ରତ କୁମାର ଠାକୁରଙ୍କ ଅଧ୍ୟକ୍ଷତାରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ମିଶ୍ରଣ ପର୍ବରେ ଶତାଧିକ ମହିଳା କର୍ମୀଙ୍କ ସମେତ ସୋନାଲି ପାଣିଗ୍ରାହୀ ଭାଜପାରେ ଯୋଗଦେଇ ଥିବାରୁ ପାର୍ଟି ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରେ ଭାଜପା ରାଜ୍ୟ କାର୍ଯ୍ୟ କାରିଣୀ ସଦସ୍ୟା ପ୍ରସନ୍ନ କୁମାର ପାଢୀ, ହୋମସିଂ ମାଝି, ଚତୁର୍ଭୁଜ ଶର୍ମା, କମଲେଶ ଦିକ୍ଷୀତ, ନିଶାନ୍ତ ଡାଗା, ତୁଲସ ପଟେଲ, ଅଭିନନ୍ଦନ ପଣ୍ଡା ପ୍ରମୁଖ ମଞ୍ଚାସୀନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ସବିତା ପାଣିଗ୍ରାହୀ, ବିଣାପାଣୀ ପାଣିଗ୍ରାହୀ, ଅଞ୍ଜଳୀ ପାଣିଗ୍ରାହୀ, ସୁଦୀକ୍ଷା ନାୟକ, ରୋହିନି ବିଶି, କସ୍ତୁରୀ ସରାଫ, ଅଂଶୁପ୍ରଭା ପାଣିଗ୍ରାହୀ, ସଙ୍ଗିତା ବରାଡ, ବନିତା ତାଣ୍ଡି, ସବିତା ମାଝି, ଗାୟତ୍ରୀ ପ୍ରଧାନ ପ୍ରମୁଖ ସମେତ ଶତାଧିକ ମହିଳା କର୍ମୀ ଉପସ୍ଥିତ ଥିଲେ।

## ଝିଅକୁ ଖୋଜିବା ପାଇଁ ପରିବାର, ଗ୍ରାମବାସୀ ଏସ୍‌ପିଙ୍କ ଦ୍ୱାରସ୍ଥ

ନୂଆପଡ଼ା ଅଫିସ,୧୭।୧୨

ନୂଆପଡା ସଦର ବ୍ଲକ ବିଶୋରା ପଞ୍ଚାୟତ ନେଗିପାଲି ଗାଁର ଜଣେ ନାବାଳିକା ନିଖୋଜ ହୋଇଥିବା ନେଇ ବେଲଚୁକୁରୀ ଥାନାରେ ଲିଖିତ ଅଭିଯୋଗ ହୋଇଛି। ଥାନାଧିକାରୀ କୌଣସି ପଦକ୍ଷେପ ନ ନେବାରୁ ନାବାଳିକାଙ୍କ ପରିବାର ଓ ଗ୍ରାମବାସୀ ଶୁକ୍ରବାର ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ପ୍ରାପ୍ତ ସୂଚନାନୁସାରେ ଗତ ୭ ତାରିଖ ରାତିରେ ପରିବାର ସମସ୍ତେ ଖାଇ ଶୋଇଥିଲେ। ରାତି ପ୍ରାୟ ୨ଟାରେ ନାବାଳିକାଙ୍କ ବାପା ହିରାଲାଲ ସତନାମୀ ପରିଶ୍ରା କରିବା ପାଇଁ ବାହାରକୁ ଆସିଥିଲେ। ସେହି ସମୟରେ ନାବାଳିକା ଶୋଇଥିବା କୋଠରି କବାଟ ଖୋଲା ଥିବା ବେଳେ ନାବାଳିକା ନ ଥିବା ଦେଖିବାକୁ ପାଇଥିଲେ। ରାତିରେ ବହୁତ ଖୋଜାଖୋଜି କରିବା ପରେ ମଧ୍ୟ କୌଣସି ସନ୍ଧାନ ପାଇ ନ ଥିଲେ। ନିଜ ସମ୍ପର୍କୀୟଙ୍କୁ ଫୋନରେ ଯୋଗାଯୋଗ କରିଥିଲେ ମଧ କୌଣସି ଖବର ମିଳି ନ ଥିଲା। ଏ ନେଇ ୮ ତାରିଖରେ ବେଲଚୁକୁରୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଆଜକୁ ପ୍ରାୟ ୧୦ ଦିନ ହେବ ପୋଲିସ ପାଖରେ କୌଣସି ଖବର ନାହିଁ। ଆମ ଝିଅକୁ ଶୀଘ୍ର ଖୋଜି ଆଣିଦିଅ ବୋଲି ପରିବାର ଲୋକେ ଏସ୍‌ପିଙ୍କଠାରେ ଗୁହାରୀ କରିଛନ୍ତି।


ଏସ୍‌ପିଙ୍କୁ ସାକ୍ଷାତ୍ କରିବା ପାଇଁ ଆସିଥିବା ପରିବାର ଓ ଗ୍ରାମବାସୀ।

## ଡିଗ୍ରୀ କଲେଜରେ ନୂତନ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ

ବୋଡେନ,୧୭।୧୨(ଡି.ଏନ.ଏ.)

ନୂଆପଡା ଜିଲା ବୋଡେନ ବିଜୁ ପଟ୍ଟନାୟକ ଡିଗ୍ରୀ ମହାବିଦ୍ୟାଳୟଠାରେ ସ୍ୱାଗତ ଉତ୍ସବ ଆୟୋଜନ ହୋଇଯାଇଛି। ମହାବିଦ୍ୟାଳୟ ଅଧକ୍ଷ ଅବନୀ ଖମାରୀଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଅଧ୍ୟାପକ ସନ୍ତୋଷ ମୁଣ୍ଡ, ଅଧ୍ୟାପକ ଡ. କିଶୋର କୁମାର କର୍ଣ୍ଣ, ଅତିକ ଅହମ୍ମଦ ଖାଁ, ଗୌରହରି ମେହେର, ବିଜେତା ଚାଉଲିଆ, ଖୁସବୁ ମେହେର ପ୍ରମୁଖଙ୍କ ସହ ସମସ୍ତ ଛାତ୍ରୀଛାତ୍ର ଓ କର୍ମଚାରୀ ଉପସ୍ଥିତ ରହି ନୂତନ ନାମ ଲେଖାଇଥିବା ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରିଥିଲେ।

## ସରକାରୀ ସହାୟତାରୁ ବଞ୍ଚିତ ଦିବ୍ୟାଙ୍ଗ ଗିରିଧାରୀ

ନୂଆପଡ଼ା ଅଫିସ,୧୭।୧୨

କେନ୍ଦ୍ର ତଥା ରାଜ୍ୟ ସରକାର ଦାରିଦ୍ର ସୀମାରେଖା ତଳେ ଥିବା ଅସହାୟ ପରିବାର, ବୃଦ୍ଧା, ବୃଦ୍ଧ, ଦିବ୍ୟାଙ୍ଗମାନଙ୍କ ପାଇଁ ଅନେକ ଯୋଜନା କରିଛନ୍ତି। ହେଲେ ପ୍ରକୃତ ହିତାଧିରୀମାନଙ୍କଠାରେ ତାହା ପହଞ୍ଚି ପାରୁନାହିଁ। ବର୍ତ୍ତମାନ ମଧ୍ୟ ବୃଦ୍ଧାବୃଦ୍ଧ, ଦିବ୍ୟାଙ୍ଗ ଏହି ଯୋଜନା ପାଇବାରୁ ବଞ୍ଚିତ ହୋଇ ରହିଛନ୍ତି। ନୂଆପଡା ଜିଲା କୋମନା ବ୍ଲକ ଦର୍ଲିପଡା ପଞ୍ଚାୟତ ଠୋଙ୍ଗୋରୋ ମାଲ ଗାଁର ଗିରିଧାରୀ ମାଝି (୨୭) ଏହାର ଏକ ଉଦାହରଣ। ଗାଁର ଧବଳେଶ୍ୱର ମାଝିଙ୍କ ପୁଅ ଗିରିଧାରି। ସେ ଜନ୍ମ ହେବାର ଗୋଟିଏ ବର୍ଷ ଠିକଠାକ ଭାବେ ଥିବା ବେଳେ ଦ୍ୱିତୀୟ ବର୍ଷରେ ତାଙ୍କୁ ପୋଲିଓ ଟିକା ଦିଆଯାଇଥିଲା। ଟିକା ନେବା ଦିନଠାରୁ ଗିରିଧାରିଙ୍କ ଡାହାଣ ଗୋଡ ଆଉ କାମ କଲାନାହିଁ। ଅନେକ ସ୍ୱାସ୍ଥ୍ୟକେନ୍ଦ୍ର ନେଇ ଚିକିତ୍ସା କଲେ ମଧ୍ୟ ଭଲ ହେଲାନାହିଁ। ଏବେ ତାଙ୍କର ଏକମାତ୍ର ସାହାରା ବାଉଁଶ ବାଡି। ବାଡି ସାହାଯ୍ୟରେ ଯିବାଆସିବା କରିଥାନ୍ତି। ୨୦୦୯ ଡିସେମ୍ବର ୧ରେ ନୂଆପଡା ମୁଖ୍ୟ ଚିକିତ୍ସାଳୟରେ ଏକ ଭିନ୍ନକ୍ଷମ ପ୍ରମାଣପତ୍ର କରିଥିଲେ। ସେଥିରେ ୬୦ ପ୍ରତିଶତ ଭିନ୍ନକ୍ଷମ ଉଲ୍ଲେଖ ରହିଛି। ହେଲେ ବର୍ତ୍ତମାନ ସୁଦ୍ଧା ଗିରିଧାରିଙ୍କୁ ଭିନ୍ନକ୍ଷମ ଭତ୍ତା କିମ୍ବା କୌଣସି ସରକାରୀ ସୁବିଧା ମିଳୁନାହିଁ। ଭତ୍ତା ପାଇଁ ପଞ୍ଚାୟତ, ବ୍ଲକ ଓ ଜିଲା କାର୍ଯ୍ୟାଳୟ ଦୌଡି ସେ ନୟାନ୍ତ ହୋଇଛନ୍ତି। ଏ ସଂକ୍ରାନ୍ତରେ କୋମନା ବିଡିଓ ସୁଶାନ୍ତ ରଣାଙ୍କୁ ପଚାରିବାରୁ କିଛି ଦିନ ତଳେ କୋମନାଠାରେ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ହୋଇଥିଲା। ସେହି ଶିବିରକୁ ଆସିଥିଲେ ତାହାର ସବୁ ସୁବିଧା କରାଇଥାନ୍ତା। ସେ ନ ଆସି ପାରିଲେ ମଧ୍ୟ ମୁଁ ତାଙ୍କୁ ଡାକି ସୁବିଧା କରାଇବି ବୋଲି କହିଥିଲେ।


ଭିନ୍ନକ୍ଷମ ଗିରିଧାରୀ ମାଝି।

## ଗଙ୍ଗାଧରଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ପୂର୍ବରୁ ଫଳକ ଭାଙ୍ଗିଲେ

ଜୁନାଗଡ,୧୭।୧୨(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଚିଚୈଗୁଡାରେ ଶୁକ୍ରବାର ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ପ୍ରତିମୂର୍ତ୍ତି ଶୁକ୍ରବାର ଉନ୍ମୋଚନ ହେବା ପୂର୍ବରୁ ସ୍ଥାନୀୟ ଭାଜପା କର୍ମୀ ଫଳକ ଭାଙ୍ଗିଛନ୍ତି। ଫଳକରେ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟ ଶଙ୍କର ମିଶ୍ରଙ୍କ ନାମ ରହିଥିବାରୁ ଏହାକୁ ବିରୋଧ କରି ଭାଜପା କର୍ମୀମାନେ ଏପରି କରିଥିବା ଜଣାପଡିଛି। ଏହାକୁ ନେଇ ଘଟଣାସ୍ଥଳରେ ଭାଜପା ଓ ବିଜେଡି କର୍ମୀ ମୁହାଁମୁହିଁ ହୋଇଥିଲେ। ଫଳରେ ସେଠାରେ ଚାପା ଉତ୍ତେଜନା ଦେଖିବାକୁ ମିଳିଥିଲା। ଖବର ପାଇ ଘଟଣାସ୍ଥଳରେ ଧର୍ମଗଡ ଏସ୍‌ଡିପିଓ ଧିରଜ କୁମାର ଚୋପଦାର, ଜୁନାଗଡ ଆଇଆଇସି ଉତ୍ତମ କୁମାର ସାହୁ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ। ଏହି ଘଟଣାକୁ ନେଇ ସ୍ଥାନୀୟ ସରପଞ୍ଚ ସୁଧିରା ମେହେର ଭାଜପା କର୍ମୀଙ୍କୁ ନିନ୍ଦା କରିବା ସହ ଏହା ଗଙ୍ଗାଧରଙ୍କ ପ୍ରତି ଅପମାନ ବୋଲି କହିଥିଲେ। ଘଟଣା ପରେ ମନ୍ତ୍ରୀଙ୍କ ଏହି କାର୍ଯ୍ୟକ୍ରମ ବାତିଲ ହୋଇଥିଲା। ଏନେଇ ଜୁନାଗଡ଼ ଥାନାରେ ଏକ ମାମଲା (ନଂ.୪୩୩/୨୧)ରୁଜୁ ହୋଇଛି।


ଗଙ୍ଗାଧରଙ୍କ ପ୍ରତିମୂର୍ତ୍ତି ଫଳକ ଭଙ୍ଗାଯାଇଛି।

## ହରିଶଙ୍କର ଡିଅର ପାର୍କ ଶ୍ରମିକଙ୍କୁ ମିଳିଲା ବକେୟା ମଜୁରି

ଖପ୍ରାଖୋଲ,୧୭।୧୨(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ହରିଶଙ୍କର ଡିଅର ପାର୍କରେ କାମ କରିଥିବା ଶ୍ରମିକଙ୍କ ବକେୟା ମଜୁରି ବନବିଭାଗ ପକ୍ଷରୁ ସେମାନଙ୍କ ପାସବୁକରେ ଜମା କରାଯାଇଛି। ପାର୍କରେ ହରିଣଙ୍କୁ ଡାଳପତ୍ର ଆଦି ଖାଦ୍ୟ ଯୋଗାଉଥିବା ଶ୍ରମିକ ନିଳାମ୍ବର ବରିହା, ମଦନ ଭୁଏ, ଚତୁର୍ଭୁଜ ବାଗ, ଦିକେଶ୍ୱର ଭୁଏ, ଧନେଶର ମାଝି, ତ୍ରିଲୋଚନ ପାଣ୍ଡେ, ସୁରେଶ ମାଝି, ବେଲାର ବରିହା ଗତ ଜୁଲାଇ ମାସରୁ ୫ ମାସର ମଜୁରି ପାଇ ନ ଥିବା ଅଭିଯୋଗ କରିଥିଲେ। ବଲାଙ୍ଗୀର ଡିଏଫଓ ନିତିନ କୁମାରଙ୍କ ନିର୍ଦ୍ଦେଶକ୍ରମେ ୮ ଜଣ ଶ୍ରମିକଙ୍କ ପାସବୁକରେ ଟଙ୍କା ଜମା କରାଯାଇଥିବା ହରିଶଙ୍କର ରେଞ୍ଜ ଅଧିକାରୀ ଶ୍ରୀବତ୍ସ କୁମୁରା ପ୍ରକାଶ କରିଛନ୍ତି।

## ମୋବାଇଲ ଲୁଟେରାଙ୍କ ଦୌରାତ୍ମ୍ୟ

ବିନିକା,(ଡି.ଏନ୍.ଏ.): ସୁବର୍ଣ୍ଣପୁର ଜିଲା ବିନିକା ଅଞ୍ଚଳରେ ସ୍ମାର୍ଟ ଫୋନ ଲୁଟ୍ ବଢ଼ିବାରେ ଲାଗିଛି । ଲୁଟେରାମାନେ କୌଶଳକ୍ରମେ ଲୋକଙ୍କ ଠାରୁ ଟାଣି ନେଉଛନ୍ତି ମୋବାଇଲ ଫୋନ । ଗୁରୁବାର ସିଂଘିଯୁବା-ବିନିକା ମୁଖ୍ୟରାସ୍ତା ମଧବର୍ତ୍ତୀ ମେଟାକାନୀ ନିକଟରେ ସିଂଘିଯୁବା ଗାଁର ପ୍ରସନ୍ନ କୁଅଁର(୪୫)ଙ୍କ ଠାରୁ ଏକ ମୋବାଇଲ ଲୁଟ ହୋଇଯାଇଛି । ବାଇକ୍‌ରେ ଦୁଇଜଣ ବ୍ୟକ୍ତି ହଠାତ୍ ଆସି ତାଙ୍କଠାରୁ ୧୫ ହଜାର ଟଙ୍କାର ଏକ ସ୍ମାର୍ଟ ଫୋନ ଟାଣିନେଇ ଚମ୍ପଟ ମାରିଥିଲେ । ଶୁକ୍ରବାର ପ୍ରସନ୍ନ ଏ ନେଇ ବିନିକା ଥାନାରେ ଅଭିଯୋଗ କରିଛନ୍ତି । ପୋଲିସ ଟ୍ରାକିଂ କରି ଲୁଟେରାଙ୍କୁ ଧରିବା ଲାଗି ଉଦ୍ୟମ ଚଳାଇଛି । ନିକଟରେ କମିରା ଗାଁର ଶ୍ୟାମ କୁମାରଙ୍କ ସ୍ମାର୍ଟ ଫୋନ ମଧ୍ୟ ଲୁଟେରାମାନେ ଲୁଟି ନେଇଛନ୍ତି ।

## ସଂକ୍ଷେପରେ

### ଏକାଦଶମୁଖୀ ହନୁମାନ ମନ୍ଦିର ପ୍ରତିଷ୍ଠା ଉତ୍ସବ



ବିନିକା,୧୭।୧୨(ଡି.ଏନ୍.ଏ.): ସୁବର୍ଣ୍ଣପୁର ଜିଲା ସିଂଘିଯୁବା-ସୋନପୁର ୩୯ନଂ ମୁଖ୍ୟରାସ୍ତାର ମଧବର୍ତ୍ତୀ ସିଂଘିଯୁବା ଗାଁ ହାଇସ୍କୁଲ ଛକ ପାର୍ଶ୍ୱରେ ଏକାଦଶମୁଖୀ ହନୁମାନ ମନ୍ଦିରର ପ୍ରତିଷ୍ଠା ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ଗତ ୧୨ ତାରିଖଠାରୁ କଳସ ଯାତ୍ରା ସହିତ ଷୋଡଶ ଉପଚାରରେ ପୂଜାର୍ଚ୍ଚନା ହୋଇଥିଲା । ପ୍ରତିଷ୍ଠା ଉତ୍ସବର କର୍ତ୍ତା କର୍ତ୍ତୀ ଭାବରେ ଗଣେଶ ଅଗ୍ରୱାଲା, ଓମ୍ ପ୍ରକାଶ ଅଗ୍ରୱାଲା ଓ ଯୋଗେଶ୍ୱର ମେହେର ସପତ୍ନୀକ ଦାୟିତ୍ୱ ତୁଲାଇଥିଲେ । ମୁଖ୍ୟ ଆଚାର୍ଯ୍ୟ ଭାବେ ଚିତ୍ତ ରଞ୍ଜନ ମହାପାତ୍ର ହୋମ ଯଜ୍ଞାଦି କାର୍ଯ୍ୟ ତୁଲାଇଥିଲେ । ବ୍ୟାସ ଭାବରେ ରାଜେଶ ବଡପଣ୍ଡା, ଡୋଲାମଣୀ ଷଡଙ୍ଗୀ, ପଞ୍ଚୁ କୁମାର ନନ୍ଦ ଓ ଭକ୍ତଚରଣ ପାଣିଗ୍ରାହୀ ଯୋଗଦେଇ ଗାୟତ୍ରୀ ଜପ, ଚଣ୍ଡୀପାଠ ଓ ମହା ମୃତ୍ୟୁଞ୍ଜୟ ମନ୍ତ୍ର ପାଠ କରିଥିଲେ । ମନ୍ଦିର ପ୍ରତିଷ୍ଠା ଉତ୍ସବ ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ, ପ୍ରବଚନ, ଭଜନ ,କୀର୍ତ୍ତନ ଆୟୋଜିତ ହୋଇଥିଲା । ପିଲାଙ୍କ ମନୋରଞ୍ଜନ ପାଇଁ ମୀନାବଜାର ବସିଥିଲା ।

### ୨୪ ଲିଟର ମଦ ଜବତ, ୨ଗିରଫ

ଅମରପାଲି,୧୭।୧୨(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରେ ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ୨୪ ଲିଟର ଦେଶୀ ମଦ ଜବତ ହୋଇଛି । ଏହି ଘଟଣାରେ ଦୁଇଜଣଙ୍କୁ ଗିରଫ କରାଯାଇଛି । ବ୍ଲକର ଦୁର୍ଜନଟେଲା ପଞ୍ଚାୟତ ମସିଣାପାଲି ଗ୍ରାମର ଅନ୍ତର୍ଯ୍ୟାମୀ ବେହେରା ଓ ମୁର୍ଷୁଣ୍ଡୀ ଗ୍ରାମର ଝରୀ ସାହୁ ନାମକ ଜଣେ ମହିଳା ମଦ ବିକ୍ରି କରୁଥିବା ଅଭିଯୋଗ ହୋଇଥିଲା । ଅନ୍ତର୍ଯ୍ୟାମୀଙ୍କ ଠାରୁ ୧୦ ଲିଟର ଓ ଝରୀଙ୍କ ଠାରୁ ୧୪ ଲିଟର ମଦ ଜବତ ହୋଇଛି । ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଛି । ବୀରମହାରାଜପୁର ଅବକାରୀ ବିଭାଗର ଏସ ଆଇ ସୁଧୀର ମିଶ୍ରଙ୍କ ନେତୃତ୍ୱରେ ଚଢ଼ାଉ କରାଯାଇଥିଲା ।

### ଜନ୍ମଦିନକୁ ନିଆରା ଢଙ୍ଗରେ ପାଳନ କଲେ ଯୁବ ବ୍ୟବସାୟୀ

ବାଉଁଶୁଣୀ,୧୭।୧୨(ଡି.ଏନ.ଏ.): ବୌଦ୍ଧ ବ୍ଲକ ଅନ୍ତର୍ଗତ ବାଉଁଶୁଣି ପଞ୍ଚାୟତ ବାଉଁଶୁଣୀ ବଡଦିଆପଡ଼ା ଗ୍ରାମର ଯୁବ ବ୍ୟବସାୟୀ ଗୁଣନିଧି ମେହେର ନିଜର ଜନ୍ମ ଦିନକୁ ନିଆରା ଢଙ୍ଗରେ ପାଳନ କରିଛନ୍ତି । ବାଉଁଶୁଣୀ ଅଞ୍ଚଳର ଅସହାୟ ବୃଦ୍ଧବୃଦ୍ଧାଙ୍କୁ କମ୍ବଳ ବଣ୍ଟନ କରିବା ସହିତ ମିଠା ବଣ୍ଟନ କରିଛନ୍ତି । ୨୬ ଜଣ ବୃଦ୍ଧବୃଦ୍ଧାଙ୍କୁ ଘରକୁ ଆମନ୍ତ୍ରଣ କରି କରିଥିଲେ ଏବଂ ଅତ୍ୟନ୍ତ ଅସହାୟ ୧୪ଜଣଙ୍କ ଘରକୁ ଯାଇ କମ୍ବଳ ବଣ୍ଟନ କରିଥିଲେ ।

### ସର୍ବଭାରତୀୟ ଫୁଟବଲ ଉଦ୍‌ଘାଟିତ

ଝାରବନ୍ଧ,୧୭।୧୨(ଡି.ଏନ.ଏ): ବରଗଡ଼ ଜିଲା ଝାରବନ୍ଧ ଗ୍ଲୋବାଲ ସ୍ପୋର୍ଟିଂ ଆନୁକୂଲ୍ୟରେ ଶୁକ୍ରବାର ଚତୁର୍ଥ ସର୍ବଭାରତୀୟ ଲକ୍ଷ୍ମଣ ବରିହା ସ୍ମାରକୀ ଫୁଟବଲ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଛି । ଝାରବନ୍ଧ ଥାନାଧିକାରୀ ଦିଲୀପ ବେହେରା, ହିମାଦ୍ରୀ ବରିହା, ହୃଷିକେଶ ବରିହା, ଜଗଦୀଶ ସାହୁ, ସନ୍ତୋଷ ବେହେରା, ଜୟକୁମାର ନିଗମ, ଉଦ୍ଧବ ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗଦାନ କରି ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ଆୟୋଜକ ଗ୍ଲୋବାଲ ସ୍ପୋର୍ଟିଂ ଏବଂ କୁଚିଣ୍ଡା ଦଳ ମଧ୍ୟରେ ମ୍ୟାଚ୍ ହୋଇ କୁଚିଣ୍ଡା ବିଜୟୀ ହୋଇଥିଲା । ସେହିପରି ବିଲାସପୁର ଏବଂ ସମ୍ବଲପୁର ମଧ୍ୟରେ ହୋଇଥିବା ଦ୍ୱିତୀୟ ମ୍ୟାଚ୍‌ରେ ସମ୍ବଲପୁର ବିଜୟୀ ହୋଇଥିଲା । ପରେ କୁଚିଣ୍ଡା ଏବଂ ସମ୍ବଲପୁର ମଧ୍ୟରେ ପ୍ରଥମ ସେମି ଫାଇନାଲ ହୋଇଥିଲା ଏବଂ କୁଚିଣ୍ଡା ବିଜୟୀ ହୋଇ ପୁଲ୍-ଏରୁ ଫାଇନାଲକୁ ଉନ୍ନୀତ ହୋଇଥିଲା ।

# କୃଷି କ୍ଷେତ୍ରରେ ନୂତନ ଜ୍ଞାନକୌଶଳ ପ୍ରୟୋଗ ଉପରେ ଗୁରୁତ୍ୱ

ସୋନପୁର,୧୭।୧୨(ନି.ପ୍ର.)

## ୧୮ ତମ ବୈଜ୍ଞାନିକ ଉପଦେଷ୍ଟା ମଣ୍ଡଳୀ ବୈଠକ

ସୋନପୁର କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ୧୮ତମ ବୈଜ୍ଞାନିକ ଉପଦେଷ୍ଟା ମଣ୍ଡଳୀ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଓଡିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟ(ଓୟୁଏଟି) ସମ୍ପ୍ରସାରଣ ବିଭାଗର ଅଧ୍ୟକ୍ଷ ଡ. ପ୍ରସନ୍ନଜିତ୍ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ଭାରତୀୟ ଜଳ ପରିଚାଳନା ସଂସ୍ଥାନର ପ୍ରମୁଖ ବୈଜ୍ଞାନିକ ଡ. ଏସ. କେ. ରାଉତରାୟ ତଥା ଭାରତୀୟ କୃଷି ଓ ଅନୁସନ୍ଧାନ ପରିଷଦ ଅଟାରୀର ପ୍ରମୁଖ ବୈଜ୍ଞାନିକ ଡ. ପି.ପି ପାଲ ଓ ୩୧ ଗୋଟି କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଅନ୍‌ଲାଇନ ମାଧ୍ୟମରେ ଏହି ବୈଠକରେ ଯୋଡି ହୋଇଥିଲେ । ଏଥିସହିତ ଜିଲା ମୁଖ୍ୟ କୃଷି ଅଧିକାରୀ ଭାସ୍କର ପାଢୀ, ନାବାର୍ଡର ଡିଡିଏମ ତାପସ ଶଙ୍କର ରାଉତ, ଦୂରଦର୍ଶନ କେନ୍ଦ୍ରର ନିର୍ଦ୍ଦେଶିକା ଦିପ୍ତୀ ମିଶ୍ର, ଜିଲା ମତ୍ସ୍ୟ ଅଧିକାରୀ ପ୍ରସନ୍ନ ପଟ୍ଟନାୟକ, ପ୍ରକଳ୍ପ ନିର୍ଦ୍ଦେଶକ ଜଳଛାୟା ରମେଶ ଚନ୍ଦ୍ର ଦେହୁରୀ, ଅତିରିକ୍ତ ଜିଲା ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ସୁନିଲ ମହାପାତ୍ର, ବିହନ ପ୍ରମାଣନ ଅଧିକାରୀ ସନ୍ତୋଷ ଛୁରିଆ ଓ ସୋନପୁର ସହକାରୀ ଉଦ୍ୟାନ କୃଷି ଅଧିକାରୀ ହୃଷୀକେଶ ଦାସ ଯୋଗଦାନ କରିଥିଲେ । କୃଷି କ୍ଷେତ୍ରରେ ନୂତନ ଜ୍ଞାନ କୌଶଳର ପ୍ରୟୋଗ ଉପରେ ମୁଖ୍ୟଅତିଥି ଡ. ମିଶ୍ର ଗୁରୁତ୍ୱାରୋପ କରିଥିଲେ । ନୂତନ ଜ୍ଞାନ କୌଶଳ ଉପଯୋଗ କରି ଚାଷୀଙ୍କର ଆୟକୁ ବହୁଗୁଣିତ କରିବା ଓ ଚାଷୀଙ୍କର ଆର୍ଥିକ ମାନଦଣ୍ଡକୁ ସୁଦୃଢ଼ କରିବା ଉପରେ ବିଶେଷ ଆଲୋଚନା ହୋଇଥିଲା । କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଡ. ଜୀବନ ଜିତ୍ ସେନ୍ ସୋନପୁର କେଭିକେରେ ବିଗତ ବର୍ଷରେ ହୋଇଥିବା କାର୍ଯ୍ୟକ୍ରମ ଓ ଆଗାମୀ ବର୍ଷର କାର୍ଯ୍ୟଖସଡା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ । ଏହି ଅବସରରେ ଜ୍ଞାନ ସନ୍ଦର୍ଭ ପୁସ୍ତିକା ବ୍ୟବସାୟିକ ମହୁମାଛି ପାଳନ, ବ୍ୟବସାୟ ଭିତ୍ତିକ କୁକୁଡା ଚାଷ, ବୈଜ୍ଞାନିକ ପଦ୍ଧତିରେ ମୁଗ ଉତ୍ପାଦନ ଓ ବୈଜ୍ଞାନିକ ପ୍ରଣାଳୀରେ ପନିପରିବା ଚାରା ଉତ୍ପାଦନ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମକୁ ବୈଜ୍ଞାନିକ ଡ. ସୁରଜ୍ୟୋତି ପ୍ରଧାନ ପରିଚାଳନା କରିଥିଲେ । ଲୋପାମୁଦ୍ରା ରାୟ ଧନ୍ୟବାଦ ଦେଇଥିଲେ । କାର୍ଯ୍ୟକ୍ରମରେ ଜିଲାର ଅଗ୍ରଣୀ ଚାଷୀ ଉପସ୍ଥିତ ଥିଲେ । ବୈଜ୍ଞାନିକ ତ୍ରିନାଥ ଖଣ୍ଡାୟତରାୟ, ସୁପ୍ରଭା ସେଠୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।




ଅତିଥି ବୃନ୍ଦ ଜ୍ଞାନ ସନ୍ଦର୍ଭ ପୁସ୍ତିକାକୁ ଉନ୍ମୋଚନ କରୁଛନ୍ତି ।

# ଲକ୍ଷ୍ମୀପୂଜାରେ ଗାଁ ଉତ୍ସବ ମୁଖର

ବରଗଡ଼ ଅଫିସ୍,୧୭।୧୨

ବରଗଡ଼ ସହର ଉପକଣ୍ଠ ବାଲିଯୋରୀରେ ମହାଲକ୍ଷ୍ମୀ ପୂଜା ମହୋତ୍ସବ ଚାଲିଛି । ଗୁରୁବାର ଅଷ୍ଟମ ଦିବସରେ ରଞ୍ଜନ ବିଶ୍ୱାଳ, ସ୍ତ୍ରୀ ଝରଣା କର୍ତ୍ତାକାର୍ଯ୍ୟ ତୁଲାଇ ଥିଲେ । ଦଶରଥ ପାଣିଗ୍ରାହୀ, ତପୋଧନ ପାଣିଗ୍ରାହୀ, ଉମେଶ ଚନ୍ଦ୍ର ପାଣିଗ୍ରାହୀ, ନିତିନ ଚନ୍ଦ୍ର ଦାଶ ପୂଜାକାର୍ଯ୍ୟ ସମ୍ପାଦନ କରୁଛନ୍ତି । ପୂଜା କମିଟି ସଭାପତି ରାଜୀବ ପ୍ରଧାନ, ଉପସଭାପତି ଜୟନ୍ତ ଷାଣ୍ଢଙ୍କ, ସୁବ୍ରତ ପ୍ରଧାନ, ଅର୍ଜୁନ ପ୍ରଧାନ, ନିର୍ମଳ ପାତ୍ର, ଦିଲୀପ ପ୍ରଧାନ ଏବଂ ଗ୍ରାମବାସୀ ସହଯୋଗ କରୁଛନ୍ତି । ମୋନାଲି ମହାପାତ୍ର ସୁନ୍ଦରାକାଣ୍ଡ ପାରାୟଣ କରିଥିଲେ । ସେହିପରି ଖୁଣ୍ଟପାଲି ଲକ୍ଷ୍ମୀପୂଜା ମହୋତ୍ସବ ପାଇଁ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି । ପ୍ରମୋଦ ସାହୁ ଓ ସ୍ତ୍ରୀ ତପସ୍ୱିନୀ କର୍ତ୍ତା, ପଣ୍ଡିତ ଜାଗିତ ରଞ୍ଜନ ମିଶ୍ର, ଜ୍ୟୋତିରଞ୍ଜନ ମିଶ୍ର ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ । କମିଟିର ଅଶୋକ ସାହୁ, ଦିବାକର ମାଝୀ, ଅଞ୍ଜନ ସାହୁ, ଦସରୁ ପ୍ରଧାନ, ଗଜିନ୍ଦ୍ର ଭୋଇ, ବିଶ୍ୱନାଥ ପାତ୍ର, କେଦାର ସାହୁ, ହେମନ୍ତ ପାତ୍ର ପ୍ରମୁଖ ସହଯୋଗ କରିଥିଲେ । ଗୁଢ଼େଶିରା ପଞ୍ଚାୟତ ଡୁମ୍ବେରପାଲି ଗ୍ରାମର ବାନ୍ଧୁଟିକ୍ରାରେ ମହାଲକ୍ଷ୍ମୀ ପୂଜା ଅବସରରେ କଳସ ଶୋଭାଯାତ୍ରା ହୋଇଥିଲା । ଚନ୍ଦ୍ରମଣି ସାହୁ ଓ ତାଙ୍କ ସ୍ତ୍ରୀ ବୀଣା କର୍ତ୍ତା, ପଣ୍ଡିତ ଦୀପକ ଦାଶ ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ । ସୁଶୀଲ ଛତର, ଅଚ୍ୟୁତ ସାହୁ, ଜୀବର୍ଦ୍ଧନ ହାତୀ, ତପନ ଷାଣ୍ଢ, ଅନୀଲ ଭୁଏ, ମଧୁସୂଦନ ଭୋଇ ସସ୍ତ୍ରୀକ ସହଯୋଗୀ କର୍ତ୍ତା ରହିଥିଲେ । ଆସନ୍ତା ୧୯ତାରିଖ ପର୍ଯ୍ୟନ୍ତ ଏହି ପୂଜା ମହୋତ୍ସବ ଚାଲିବାର କାର୍ଯ୍ୟକ୍ରମ ରହିଛି ।

# ସୁସ୍ଥ ସମାଜ ଗଠନରେ ଯୁବ ଗୋଷ୍ଠୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ



ମହୋତ୍ସବରେ ଶିଶୁ କଣ୍ଠଶିଳ୍ପୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

ବୌଦ୍ଧ,୧୭।୧୨(ସ୍ୱ.ପ୍ର.)

## ପଞ୍ଚମ ଗଡ଼ଜାତ ମହୋତ୍ସବର ତୃତୀୟ ଦିବସ

ବୌଦ୍ଧ ଜିଲାର ହରଭଙ୍ଗା ବ୍ଲକର ବୀରନରସିଂହପୁରଠାରେ ଚାଲିଥିବା ପଞ୍ଚମ ରାଜ୍ୟସ୍ତରୀୟ ଗଡ଼ଜାତ ଲୋକ ମହୋତ୍ସବର ଶୁକ୍ରବାର ଥିଲା ତୃତୀୟ ଦିବସ । ଏହି ଦିବସରେ ଅତିଥିମାନେ କହିଥିଲେ, ଏକ ସୁସ୍ଥ ଓ ସୁନ୍ଦର ସମାଜ ଗଠନ ପାଇଁ ଯୁବ ଗୋଷ୍ଠୀଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏଣୁ ସମାଜକୁ ଶୃଙ୍ଖଳିତ ଓ ସୁପଥରେ ଆଗେଇ ନେବା ପାଇଁ ରକ୍ତଦାନ ଭଳି ଏକ ମହାନ କାର୍ଯ୍ୟରେ ସାମିଲ କରାଇ ଆଗାମୀ ପିଢି ପାଇଁ ଏକ ପ୍ରେରଣା ସୃଷ୍ଟି କରିଛନ୍ତି ବୋଲି ଅତିଥିମାନେ ମତ ବ୍ୟକ୍ତ କରିଥିଲେ । ଏହି ଅବସରରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା । ଶିବିରକୁ ହରଭଙ୍ଗା ବ୍ଲକ ମେଡିକାଲ ଅଫିସର ଶ୍ରୀମନ୍ତ ସ୍ୱାଇଁ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ । ଏଥିରେ ସ୍ଥାନୀୟ ସରପଞ୍ଚ ସୁବର୍ଣ୍ଣ ମଲିକ ଓ ରଘୁନାଥ ଷଡଙ୍ଗୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ରକ୍ତଦାନ ଶିବିରରେ ସ୍ଥାନୀୟ ଡ୍ରାଇଭର ମହାସଂଘର ସ୍ୱେଚ୍ଛାସେବୀମାନେ ଯୋଗଦେଇ ରକ୍ତଦାନ କରିଥିଲେ । ଅନୁଗୋଳ ଜିଲା ଆଠମଲ୍ଲିକ ନିବାସୀ ଶିଶୁ କଣ୍ଠ ଶିଳ୍ପୀ ସମାଇରା ଭୋଇଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ମହୋତ୍ସବ କମିଟିର ସଭାପତି ବିଶ୍ୱଜିତ ମିଶ୍ର ଅଧ୍ୟକ୍ଷତା କରିଥିଲେ । କାର୍ଯ୍ୟକ୍ରମକୁ ବିଜୟ କୁମାର ସାହୁ ପରିଚାଳନା କରିଥିଲେ । ପୁରନ୍ଦର ଠେଲା ଧନ୍ୟବାଦ ପ୍ରଦାନ କରିଥିଲେ ।

# ବରପାଲିରେ ବିକ୍ଷୋଭ ପ୍ରଦର୍ଶନ

ବରପାଲି,୧୭।୧୨(ଡି.ଏନ.ଏ)



ବରପାଲିରେ ଜଗନ୍ନାଥ ନଗରବାସୀଙ୍କ ବିକ୍ଷୋଭ ।

## ଓଭରବ୍ରିଜ୍ ଡିଜାଇନ ସଂଶୋଧନ ଦାବି

ବରଗଡ଼ ଜିଲା ବରପାଲି ରେଲୱେ ଓଭରବ୍ରିଜ୍ ନିର୍ମାଣରେ ଉପୁଜିଥିବା ସମସ୍ୟା ଏବଂ ପ୍ରଶାସନିକ ଅବହେଳା ପ୍ରତିବାଦ ତଥା ଓଭରବ୍ରିଜ ନିର୍ମାଣ ଡିଜାଇନ୍ ସଂଶୋଧନ ଦାବିରେ ଶୁକ୍ରବାର ସ୍ଥାନୀୟ ଜଗନ୍ନାଥ ନଗରବାସୀ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ବିକ୍ଷୋଭ ଶୋଭାଯାତ୍ରାରେ ଆସି ମୁଖ୍ୟମନ୍ତ୍ରୀ, ଜିଲାପାଳଙ୍କ ଉଦ୍ଦେଶ୍ୟରେ ତହସିଲଦାର ଅକ୍ଷୟ ଦୀପଙ୍କୁ ପଡ଼ାବାସୀ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ । ଓଭରବ୍ରିଜ ନିର୍ମାଣ ହେବାକୁ ଥିବା ସ୍ଥାନରେ ବ୍ରିଜ୍‌ର ଲମ୍ବକୁ କିଛି ମିଟର ସଙ୍କୁଚିତ କରାଗଲେ ସ୍ଥାନୀୟ ଦୁର୍ଗା ମଣ୍ଡପ ଏବଂ ହନୁମାନ ମନ୍ଦିର ସୁରକ୍ଷିତ ରହିବ ବୋଲି ପଡ଼ାବାସୀ କହିଛନ୍ତି । ସେହିପରି ହାଇସ୍କୁଲ ପଟେ ରହିଥିବା ଓଭରବ୍ରିଜ୍‌ର ଉଭୟ ପାର୍ଶ୍ୱ ସର୍ଭିସ ରାସ୍ତାକୁ ପକ୍କା କରିବାକୁ ଦାବି ହୋଇଛି । ଏହି ଦାବି ନେଇ ଜଗନ୍ନାଥ ନଗରବାସୀ ସମସ୍ତ ଦୋକାନ ବଜାର ବନ୍ଦ ସହିତ ବିକ୍ଷୋଭ କରିଥିଲେ । କମିଟି ସଭାପତି ସନ୍ତୋଷ ଗୁପ୍ତାଙ୍କ ନେତୃତ୍ୱରେ ରଘୁମଣି ତ୍ରିପାଠୀ, ଅଜିତ ପ୍ରଧାନ, ଜିତେନ୍ଦ୍ର ତ୍ରିପାଠୀ ପ୍ରମୁଖ ଏଥିରେ ସକ୍ରିୟ ଅଂଶଗ୍ରହଣ କରିଥିଲେ । ୭ଦିନ ମଧ୍ୟରେ ଏହାର ସମାଧାନ ନ ହେଲେ ଆଗକୁ ଆନ୍ଦୋଳନ ବ୍ୟାପକ ହେବ ବୋଲି ଜଗନ୍ନାଥ ନଗରବାସୀ ଚେତାବନୀ ଦେଇଛନ୍ତି ।

# ରକ୍ତଦାନ ଶିବିର: ୫୦ ୟୁନିଟ ରକ୍ତ ସଂଗ୍ରହ

ଡୁଙ୍ଗୁରିପାଲି,୧୭।୧୨(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ବାଙ୍କୀପାଲିଠାରେ ଭାରତ ସ୍କାଉଟସ୍ ଓ ଗାଇଡସ୍ ଓ ଓଡିଶା ମୋ ପରିବାରର ମିଳିତ ଆନୁକୂଲ୍ୟରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି । ପ୍ରଧାନଶିକ୍ଷକ ନବୀନ କୁମାର ପାଢ଼ୀଙ୍କ ସଭାପତିତ୍ୱରେ ହୋଇଥିବା ଶିବିରରେ ମୁଖ୍ୟଅତିଥି ଭାବେ ଡୁଙ୍ଗୁରିପାଲି ପଞ୍ଚାୟତ ସମିତି ଅଧ୍ୟକ୍ଷ ମକରଧ୍ୱଜ ସାହୁ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଜିଲା ଶିକ୍ଷାଧିକାରୀ ଲକ୍ଷ୍ମଣ ଭୋଇ, ଅନ୍ୟତମ ସମ୍ମାନିତ ଅତିଥି ଭାବେ ଜିଲା ସ୍କାଉଟ ଗାଇଡସ୍ ସମ୍ପାଦକ ଦୁର୍ଯ୍ୟୋଧନ ରାଉତ,ଏବିଇଓ ବଟକୃଷ୍ଣ ପାଢ଼ୀ, ଗଞ୍ଜାଲୁ ମିର୍ଦ୍ଧା, ସ୍କୁଲ ପରିଚାଳନା କମିଟି ଅଧ୍ୟକ୍ଷ ଆନନ୍ଦ ନାଏକ, ସ୍ଥାନୀୟ ସିଆରସିସି ହାରାଧନ ବେରିଆ, ଚଉବର୍ଗ ଭୋଇ ଯୋଗ ଦେଇଥିଲେ । ବଡ଼କର୍ଲେ ସ୍କାଉଟସ୍ ପ୍ରଶିକ୍ଷକ ପ୍ରମୋଦ କୁମାର ପଧାନ ଧନ୍ୟବାଦ ଅର୍ପଣ କରିଥିଲେ । ଡୁଙ୍ଗୁରିପାଲି ଆୟୁଷ ମେଡିକାଲ ଅଫିସର ଡ଼.ଆଲୋକ ପଣ୍ଡା ରକ୍ତ ସଂଗ୍ରହ କାର୍ଯ୍ୟକ୍ରମ ତଦାରଖ କରିଥିଲେ । ସୋନପୁର ରକ୍ତ ଭଣ୍ଡାରର ସତ୍ୟବ୍ରତ ତାଣ୍ଡି, ଜଗତ ନାରାୟଣ ଦରୱାନ ଓ ଯୁଧିଷ୍ଠିର ନାଏକ ମୋଟ ୫୦ ୟୁନିଟ ରକ୍ତ ସଂଗ୍ରହ କରିଥିଲେ । ସମସ୍ତ ସିଆରସିସି, ଦୀନବନ୍ଧୁ ପଧାନ, ପଦ୍ମିନୀ ସାହୁ, ଅନନ୍ତରାମ ମେଣ୍ଡେଲି, ସଞ୍ଜୀବ ସାହୁ, ଜିତେନ୍ଦ୍ରିୟ ବୁଡ଼େକ ସହଯୋଗ କରିଥିଲେ ।

# ଉଲୁଣ୍ଡାକୁ ହରାଇ ମୁର୍ଷୁଣ୍ଡୀ ସେମିରେ

ଅମରପାଲି,୧୭।୧୨(ଡି.ଏନ.ଏ.)




ଅତିଥିଙ୍କ ସହିତ ବିଜୟୀ ମୁର୍ଷୁଣ୍ଡୀ ଦଳର ଖେଳାଳିମାନେ ।

## ୨୯ତମ ଅମରପାଲି କ୍ରିକେଟ କପ୍

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଅମରପାଲିସ୍ଥିତ ଭଗବାନ ସାହୁ ଗ୍ରାଉଣ୍ଡରେ ଜେମସ ଷ୍ଟାର କ୍ଲବ ଓ ଫ୍ରେଣ୍ଡସ କ୍ଲବର ମିଳିତ ଆନୁକୂଲ୍ୟରେ ହେଉଥିବା ୨୯ତମ ଅମରପାଲି କ୍ରିକେଟ କପର ଶୁକ୍ରବାର ଥିଲା ସପ୍ତମ ଦିବସ । ପ୍ରଥମ ମ୍ୟାଚ ରେଙ୍ଗାଲି ଓ ମୁର୍ଷୁଣ୍ଡୀ ମଧ୍ୟରେ ହୋଇଥିଲା । ରେଙ୍ଗାଲି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୭ ଉଇକେଟ ହରାଇ ୬୭ ରନ କରିଥିଲା । ଜବାବରେ ମୁର୍ଷୁଣ୍ଡୀ ଦଳ ୮.୫ ଓଭରରେ ୪ ଉଇକେଟ ହରେଇ ୬୮ରନ କରି ବିଜୟୀ ହୋଇଥିଲା । ଦ୍ୱିତୀୟ ମ୍ୟାଚ ଉଲୁଣ୍ଡା ଓ ହାତିବାରୀ ମଧ୍ୟରେ ହୋଇଥିଲା । ଉଲୁଣ୍ଡା ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୮ ଉଇକଟ ହରାଇ ୧୩୭ ରନ କରିଥିଲା । ଜବାବରେ ହାତିବାରୀ ୮.୫ ଓଭରରେ ସମସ୍ତ ଉଇକେଟ ହରାଇ ୭୮ରନ କରି ପରାସ୍ତ ହୋଇଥିଲା । ପ୍ରଥମ ମ୍ୟାଚର ବିଜେତା ମୁର୍ଷୁଣ୍ଡୀ ଓ ଦ୍ୱିତୀୟ ମ୍ୟାଚର ବିଜେତା ଉଲୁଣ୍ଡା ମଧ୍ୟରେ ଖେଳା ଯାଇଥିବା କ୍ୱାଟର ଫାଇନାଲ ମ୍ୟାଚରେ ଉଲୁଣ୍ଡା ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୮ ଓଭରରେ ୮ ଉଇକେଟ ହରାଇ ୪୬ ରନ କରିଥିଲା । ଜବାବରେ ମୁର୍ଷୁଣ୍ଡୀ ଦଳ ଆବଶ୍ୟକ ୪୭ ରନକୁ ୫.୫ ଓଭରରେ ୪ ଉଇକେଟ ହରାଇ ସଂଗ୍ରହ କରି ବିଜୟୀ ହୋଇ ସେମି ଫାଇନାଲରେ ପ୍ରବେଶ କରିଛି । ପୀତାମ୍ବର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ପ୍ରଧାନଶିକ୍ଷକ ବସନ୍ତ କୁମାର ସାହୁ ଓ ସ୍ୱେଚ୍ଛାସେବୀ ଜୟରାମ ବନିଆଁ ଅତିଥି ଭାବେ ଯୋଗଦେଇ ମୁର୍ଷୁଣ୍ଡୀର ଦିନେଶ ମହାକୁରଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ କରିଥିଲେ । ମ୍ୟାଚ ଗୁଡିକରେ ସୁରେଶ ବିଶି, ଶ୍ରୀତମ ପଧାନ ଓ ସସ୍ମିତ ମାଝୀ ଅମ୍ପାୟାର, ନିତମ ରଞ୍ଜନ ପଧାନ ସ୍କୋରିଂ , ଶୁଭେନ୍ଦୁ ଶେଖର ସାହୁ ଅନ୍‌ଲାଇନ ସ୍କୋରିଂ ଏବଂ ନିହାର ରଞ୍ଜନ ସାହୁ ଓ ତନୁଜରାଜ ସାହୁ ଧାରା ବିବରଣୀ ପ୍ରଦାନ କରିଥିଲେ ।

# ୫୪ ଭିନ୍ନକ୍ଷମଙ୍କୁ ତିନିଚକିଆ ସାଇକେଲ ବଣ୍ଟନ

ଅମରପାଲି,୧୭।୧୨(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ଭିନ୍ନକ୍ଷମଙ୍କୁ ତିନିଚକିଆ ସାଇକେଲ ବଣ୍ଟନ କରାଯାଇଛି । ସୁବର୍ଣ୍ଣପୁର ଜିଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଆନୁକୂଲ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ ସନ୍ତୋଷ ଭୋଇ ପୌରୋହିତ୍ୟ କରିଥିଲେ । ବୀରମହାରାଜପୁର ଉପ ଜିଲାପାଳ ଅଶୋକ ଭୋଇ ମୁଖ୍ୟଅତିଥି, ବିଡିଓ ମୋତିଲାଲ ସୁଲିଆ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ତଥା ସୁବଳୟା ସମିତିସଭ୍ୟ ରଞ୍ଜିତ ରଥ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ । ବ୍ଲକର ପ୍ରାୟ ୫୪ଜଣ ଭିନ୍ନକ୍ଷମଙ୍କୁ ଟ୍ରାଇ ସାଇକେଲ ବଣ୍ଟନ କରାଯାଇଥିଲା । ସମିତିସଭ୍ୟ ପୀତାମ୍ବର ସାହୁ ଯୋଗ ଦେଇଥିଲେ । ବ୍ଲକ ସାମାଜିକା ସୁରକ୍ଷା ଅଧିକାରିଣୀ ଅଞ୍ଜୁଲତା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ୧୧ଦଫା ଦାବିରେ ଗର୍ଜିଲେ ଆଶାକର୍ମୀ

ବରଗଡ଼ ଅଫିସ୍,୧୭।୧୨

ଆଶା କର୍ମୀଙ୍କ ପ୍ରତି ସରକାର ଅଣଦେଖା ମନୋଭାବ ପୋଷଣ କରୁଛନ୍ତି । ଏଭଳି ଅଭିଯୋଗ ନେଇ ଶୁକ୍ରବାର ବରଗଡ଼ ଜିଲା ଆଶା କର୍ମୀ ସାମ୍ମୁଖ୍ୟ ଆନ୍ଦୋଳନକୁ ଓହ୍ଲାଇଛି । ୧୧ଦଫା ଦାବି ନେଇ ଶତାଧିକ ଆଶାକର୍ମୀ ଏକ ଶୋଭାଯାତ୍ରାରେ ଆସି ଜିଲାପାଳଙ୍କ ଅଫିସ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଜିଲାପାଳ ମୋନିଷା ବାନାର୍ଜୀ ସେଠାକୁ ପହଞ୍ଚିବା ପରେ ଆଶା କର୍ମୀ ସାମ୍ମୁଖ୍ୟ ପକ୍ଷରୁ ତାଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା । ଦାବିପତ୍ରକୁ ତୁରନ୍ତ ସରକାରଙ୍କ ପାଖକୁ ପଠାଇ ଦିଆଯିବ ବୋଲି ଜିଲାପାଳ ବାନାର୍ଜୀ କହିଥିଲେ । ସାମ୍ମୁଖ୍ୟର ଜିଲା ସଭାନେତ୍ରୀ ଶ୍ରୀମତୀ ମାଝି, ସମ୍ପାଦିକା ସ୍ୱପ୍ନା ନନ୍ଦ, ପଶ୍ଚିମ ଓଡ଼ିଶା ସମ୍ପାଦିକା ରୀତା ବେହେରାଙ୍କ ନେତୃତ୍ୱରେ ଆଶା କର୍ମୀମାନେ ଆନ୍ଦୋଳନରେ ସାମିଲ ହୋଇଥିଲେ ।



ଜିଲାପାଳଙ୍କ ଅଫିସ ଆଗରେ ଆଶା କର୍ମୀଙ୍କ ବିକ୍ଷୋଭ ।

# ବିକାଶ, ବ୍ଲୁ ଡାଇମଣ୍ଡ ଯୁଗ୍ମ ବିଜେତା

ବରଗଡ଼ ଅଫିସ୍,୧୭।୧୨




ଯୁଗ୍ମ ବିଜେତା ଦଳ ଅତିଥିଙ୍କଠାରୁ ଟ୍ରଫି ଗ୍ରହଣ କରୁଛନ୍ତି ।

## ଆନ୍ତଃକ୍ଲବ କ୍ରିକେଟ ଉଦ୍‌ଯାପିତ

ବରଗଡ଼ ଜିଲା କ୍ରିକେଟ ଆସୋସିଏଶନ ପକ୍ଷରୁ ଚାଲିଥିବା ଭିଜନ-୨୦୨୪ ଆନ୍ତଃ କ୍ଲବ କ୍ରିକେଟ ପ୍ରତିଯୋଗିତାର ଫାଇନାଲ ମ୍ୟାଚ୍ ଶୁକ୍ରବାର ବିକାଶ ଗ୍ରାଉଣ୍ଡରେ ଅନୁଷ୍ଠିତ ହୋଇଯାଇଛି । ଫାଇନାଲ ମ୍ୟାଚ୍‌ରେ ବରଗଡ଼ ବିକାଶ କ୍ରିକେଟ କ୍ଲବ ଏବଂ ପ୍ରତିପକ୍ଷ ବ୍ଲୁ ଡାଇମଣ୍ଡ କ୍ରିକେଟ କ୍ଲବ ସମାନ ସଂଖ୍ୟକ ରନ ସଂଗ୍ରହ କରିଥିବା ଯୋଗୁ ଉଭୟ ଦଳକୁ ଯୁଗ୍ମ ବିଜେତା ଘୋଷଣା କରାଯାଇଥିଲା । ବ୍ଲୁ ଡାଇମଣ୍ଡ କ୍ରିକେଟ କ୍ଲବ ଟସ୍ ଜିଣି ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇ ଦଳର ଆର୍ଯ୍ୟମାନ ମିଶ୍ରଙ୍କ ୬୬, ପ୍ରବୀଣ ଲୁହାଙ୍କ ୨୭ରନ ସହାୟତାରେ ୩୪.୨ ଓଭରରେ ସମସ୍ତ ଉଇକେଟ ହରାଇ ୧୪୫ରନ ସଂଗ୍ରହ କରିଥିଲା । ପ୍ରତିପକ୍ଷ ବିକାଶ କ୍ରିକେଟ କ୍ଲବର ନିଖିଳ ପାଢ଼ୀ ୪, ପ୍ରୀତମ ଜେନା ୩, ନିହାର ରଞ୍ଜନ ବେହେରା ୨ଟି ଉଇକେଟ ନେଇଥିଲେ । ଜବାବରେ ବିକାଶ କ୍ରିକେଟ କ୍ଲବ ଦଳର ରାହୁଲ ଚୌଧୁରୀଙ୍କ ୫୧, ନିଖିଳ ପାଢ଼ୀଙ୍କ ୩୬ରନ ସହାୟତାରେ ୪୧.୨ ଓଭରରେ ସମସ୍ତ ଉଇକେଟ ହରାଇ ୧୪୫ରନ ସଂଗ୍ରହ କରିଥିଲା । ପ୍ରତିପକ୍ଷ ବ୍ଲୁ ଡାଇମଣ୍ଡ କ୍ରିକେଟ କ୍ଲବର ରୂପକ ପ୍ରଧାନ ୪, ସୁମିତ ରାଏ ୩ ଏବଂ ମହମ୍ମଦ ସଲିମ ୨ଟି ଉଇକେଟ ନେଇଥିଲେ । ସଞ୍ଜୟ ନାଏକ, ପ୍ରଦୀପ କୁମାର ଦାଶ ମ୍ୟାଚ୍ ପରିଚାଳନା କରିଥିଲେ । ରଜତ ଦାଶ ଅନ ଲାଇନ୍ ଏବଂ ମନୋଜ ପାତ୍ର ଅଫ୍ ଲାଇନ ସ୍କୋରର ଥିଲେ ।

ପ୍ରତିଯୋଗିତାରେ ବ୍ଲୁ ଡାଇମଣ୍ଡ କ୍ରିକେଟ କ୍ଲବର ଆର୍ଯ୍ୟମାନ ମିଶ୍ର ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ, ଗୋଡ଼ଭଗା ସେଣ୍ଟ୍ରାଲ ଦଳର ବାଦଲ ପରଦେଶୀ ନିଶାଦ ଶ୍ରେଷ୍ଠ ବୋଲର, କଟାପାଲି ଦଳର ଶ୍ରୁତିରାଜ ମିଶ୍ର ଶ୍ରେଷ୍ଠ ଖେଳାଳି, ବିକାଶ କ୍ରିକେଟ କ୍ଲବର ନିଖିଳ ପାଢ଼ୀ ମ୍ୟାନ୍ ଅଫ୍ ଦି ଫାଇନାଲ, ସୋହେଲା କ୍ରିକେଟ କ୍ଲବର ରାହୁଲ ସାହୁ ଶ୍ରେଷ୍ଠ ନବ ପ୍ରତିଭାବାନ ଖେଳାଳି ମନୋନୀତ ହୋଇଥିଲେ । ଜିଲା କ୍ରିକେଟ ଆସୋସିଏଶନର ଯୁଗ୍ମ ସମ୍ପାଦକ ସଚ୍ଚିଦାନନ୍ଦ ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ଉଦ୍‌ଯାପନୀ ସମାରୋହରେ ସଭାପତି ହରିହର ପ୍ରଧାନ, ବିକାଶ ଗ୍ରୁପ୍‌ର ଡାଇରେକ୍ଟର (ଆଡ଼ମିନିଷ୍ଟ୍ରେଶନ) ଡି. ନାଗେଶ୍ୱର ରାଓ, କ୍ରିକେଟ ଆସୋସିଏଶନର ଉପସଭାପତି ଶୁଭ୍ରାଂଶୁ ଶେଖର ମହାପାତ୍ର, ପୂର୍ବତନ ସମ୍ପାଦକ ସୁବ୍ରତ ଚାଟାର୍ଜୀ, ସଦସ୍ୟ ପ୍ରଦୀପ ନନ୍ଦ, ସନ୍ତୋଷ ପଣ୍ଡା, ନବୀନ ଲାଠ, ଗୁରୁଦତ୍ତ ଦାଶ, ସୁବ୍ରତ ମିଶ୍ର ପ୍ରମୁଖ ଉପସ୍ଥିତ ରହି ପୁରସ୍କାର ପ୍ରଦାନ କରିଥିଲେ ।

